EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
ekamaatra@gmail.com
www.ekamaatra.com
ekamaatraodia
ekamaatranews

RNI Ref. No.: 1304224
Title Code: ODIODI07807

ବର୍ଷ-୧ ସଂଖ୍ୟା-୬ ୨୦-୨୬ ଫେବୃୟାରୀ, ୨୦୧୭ ଭୁବନେଶ୍ୱର ● MONDAY WEEKLY ● VOL-1 ISSUE-6 20-26th FEBRUARY, 2017 BHUBANESWAR ₹ 5.00 (8 PAGES)

- କାଲିଖୋଙ୍କ ସୁଇସାଇଡ୍ ନୋଟରେ ଚାଞ୍ଚଲ୍ୟକର ତଥ୍ୟ : ବିଚାରପତି ନେଇଥିଲେ ୬୪ କୋଟି ଲାଞ୍ଚ
- ସରିଲା ଯାତ୍ରା; ଖଣ୍ଡଗିରି ମେଳା ପଡିଆ ଲାଗୁଛି ଖାଁ ଖାଁ
- ରାଜଧାନୀରେ ନକଲି ପୋଲିସ, ଜରିମାନା ଆଦାୟ ବେଳେ ୨ ଗିରଫ

ଭିତର ପୃଷ୍ଠାରେ...

ବାଂଲାଦେଶ ଦେଇ ଭାରତକୁ ଆସୁଛି ଜାଲ୍ ନୋଟ୍

ଲାଞ୍ଚ ନେଇ ଧରାପଡିଲେ ଆଇଏଏସ୍

ଅଣଦେଖା କଲେ ବିପଦ

ବେଦନାର ବେଦ-୫

ମାର୍ଚ୍ଚରୁ ଆରମ୍ଭ ହେବ 'ଦମନ'

ମୁଣ୍ଡ ବଦଳରେ ନଡିଆ ଭୋଗ

# ଚିନ୍ତାରେ ମୁଖିଆ !

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଫଳାଫଳକୁ ଦେଖି ଚିନ୍ତାରେ ପଡିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କାରଣ ଅଧିକାଂଶ ଜିଲ୍ଲା ପରିଷଦ ଜୋନ୍‌ରୁ ଜନସାଧାରଣ ବିଜେଡିର ହାତ ଛାଡି ଦେଇଛନ୍ତି। ଯାହାଫଳରେ ବିଜେଡି ହାତରୁ ଖସିଯାଇଛି ବହୁ ଜିଲ୍ଲା ପରିଷଦ ଆସନ। ଯଦିଓ ବିଜେଡି ତିନୋଟି ପର୍ଯ୍ୟାୟରେ ମୋଟ ୨୯୦ ଆସନ ଦଖଲ କରିଛି ତଥାପି ବିଜେପି ଖାତାକୁ ଚାଲିଯାଇଛି ୧୯୨ ଆସନ। ସେହିଭଳି କଂଗ୍ରେସ ଖାତାରେ ୪୪ ଓ ସ୍ୱାଧୀନ ସଭ୍ୟ ୧୨ଟି ଆସନରେ ବିଜୟୀ ହୋଇଛନ୍ତି। ଏଭଳି ଫଳାଫଳ ବିଜେଡିକୁ ଚକିତ କରିଥିବା ବେଳେ ଏହି ପ୍ରକ୍ରିୟା ଜାରି ରହିଲେ ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟ ଫଳାଫଳ ବେଳକୁ ବିଜେପି ଖାତାକୁ ପାଖାପାଖି ୩୦୦ ଆସନ ଚାଲିଯାଇପାରେ ବୋଲି ଅନୁମାନ କରାଯାଉଛି। ତେଣୁ ବିଜେଡିର ବିପର୍ଯ୍ୟୟ ଝଡ ଦଳ ତଥା ନେତାଙ୍କ ପାଇଁ ଆଗକୁ କେଉଁଭଳି ସ୍ଥିତି ତିଆରି କରିବ ତାହାକୁ ନେଇ ଚିନ୍ତାରେ ମୁଖିଆ। ଅନ୍ୟପକ୍ଷେ ରାଜ୍ୟ କଂଗ୍ରେସ ମୁଖିଆ ପ୍ରସାଦ ହରିଚନ୍ଦନ ଓ ବିଜେପି ମୁଖିଆ ବସନ୍ତ ପଣ୍ଡା ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀରେ ଚିତ୍‌ପଟାଙ୍ଗ ମାରିଛନ୍ତି। ଉଭୟ ଜାତୀୟ ଦଳର ନେତା ନିଜ ଅଞ୍ଚଳରେ ଫେଲ ମାରିବାକୁ ନେଇ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି। କାରଣ ଯେଉଁ ନେତା ଭୋଟରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୁଅନ୍ତି ସେମାନଙ୍କୁ ସାଙ୍ଗଠନିକ ଦକ୍ଷତା କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିଥାଏ। ତେଣୁ ଚତୁର୍ଥ ପର୍ଯ୍ୟାୟ ଲାଗି ପ୍ରଚାର ଶେଷ ହୋଇଥିଲା ବେଳେ ଆଗକୁ ଭୋଟରଙ୍କ ଆଭିମୁଖ୍ୟ କିଭଳି ରହିବ ତାହା ମଧ୍ୟ ଚିନ୍ତାର ବିଷୟ। ➤ ପୃ-୭


ବସନ୍ତ ପଣ୍ଡା ପ୍ରସାଦ ହରିଚନ୍ଦନ ନବୀନ ପଟ୍ଟନାୟକ

# ତଳେ ଶୋଇଲେ ଶଶିକଳା

**ଚେନ୍ନାଇ :** ତାମିଲନାଡୁର ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖିଥିବା ଶଶିକଳାଙ୍କ ସବୁ ସ୍ୱପ୍ନ ପାଣିରେ ମିଳେଇ ଗଲା। ବେଆଇନ ସମ୍ପତ୍ତି ଠୁଳ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ସେ ସିଂହାସନ ପରିବର୍ତ୍ତେ କାରାଗାରକୁ ଗଲେ। ମୁଖ୍ୟମନ୍ତ୍ରୀ ଗାଦି ତଥା ଜୟଲଳିତାଙ୍କ ଉତ୍ତରାଧିକାରୀ ପାଇଁ ଗତ ସପ୍ତାହେ ଧରି ପନିରସେଲଭମ୍‌ଙ୍କ ସହିତ ଚାଲିଥିବା ଲଢ଼େଇରେ ସେ କେବଳ ହାରି ଗଲେନି; ବରଂ ଶଶିକଳାଙ୍କ ତଥାକଥିତ ରାଜନୈତିକ କ୍ୟାରିୟରରେ ମଧ୍ୟ ଯବନିକା ପଡ଼ିଛି। ଦୀର୍ଘ ଏକ ଦଶନ୍ଧି ପାଇଁ ସେ ରାଜନୀତିରେ ଏକ ପ୍ରକାର ବାସନ୍ଦ ହୋଇପଡ଼ିଛନ୍ତି। ଏଆଇଏଡିଏମ୍‌କେରେ ତାଙ୍କୁ ଏବେ ଜଣେ ଖଳନାୟିକା ଭାବେ ଚିତ୍ରଣ କରାଯାଉଛି।

ଶଶିକଳା ଶେଷରେ ବେଙ୍ଗାଲୁରୁ ନିକଟ ପାରାପାନ୍ନା ଆଗ୍ରାହାର କେନ୍ଦ୍ରୀୟ କାରାଗାରରେ ପ୍ରବେଶ କରିଛନ୍ତି। ସନ୍ଧ୍ୟା ୬ଟାରେ ବେଙ୍ଗାଲୁରୁଠାରେ ପହଞ୍ଚିବା ପରେ ପୁଲିସ ତାଙ୍କୁ ଅଦାଲତରେ ହାଜର କରିଥିଲା। ପରେ ତାଙ୍କୁ କାରାଗାରକୁ ପଠାଇ ଦିଆଯାଇଥିଲା। ହେଲେ ଜେଲ୍‌ର କୋଠରୀ ଭଲ ଲାଗି ନଥିଲା ଶଶିକଳାଙ୍କୁ। ଅତି କଷ୍ଟରେ ତଳେ ଶୋଇବାକୁ ବାଧ୍ୟ ହୋଇଥିଲେ। ସୂଚନାଯୋଗ୍ୟ ଯେ, ୨୦୧୪ରେ ବାନ୍ଧବୀ ଶଶିକଳାଙ୍କ ସହ ସେ ଏହି କାରାଗାରରେ ରହିଥିଲେ। ଏହି ଅବସରରେ ସେ ସୁପ୍ରିମ କୋର୍ଟ ରାୟର ପୁନର୍ବିଚାର ପାଇଁ ଆବେଦନ କରିବେ ନାହିଁ; ପୂର୍ଣ୍ଣ ସମୟ ଦଣ୍ଡ ଭୋଗିବେ ବୋଲି କହିଛନ୍ତି ଶଶିକଳା। ➤ ପୃ-୭



# ୬୦ଜଣଙ୍କ ନାଁରେ ସିବିଆଇ ମାମଲା

କର୍ପୋରେସନ ବ୍ୟାଙ୍କ କେଲେଙ୍କାରୀ

**ଭୁବନେଶ୍ୱର:** ସିବିଆଇ ଜଗତପୁରସ୍ଥିତ କର୍ପୋରେସନ୍ ବ୍ୟାଙ୍କର ପ୍ରାୟ ୪ କୋଟିର ଠକେଇ ଘଟଣାର ତନାଘନା ଆରମ୍ଭ କରିଛି। ସିବିଆଇ ଏସ୍‌ପି ରାଜୀବ ରଞ୍ଜନଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଏମ୍ କେ ଦାସ ଓ ଅନ୍ୟମାନଙ୍କୁ ନେଇ ଏକ ଟିମ୍ କର୍ପୋରେସନ୍ ବ୍ୟାଙ୍କକୁ ଯାଇ ଏହି ଋଣ ଜାଲିଆତି ମାମଲାର ତଦନ୍ତ ଆରମ୍ଭ କରି ବ୍ୟାଙ୍କର କିଛି କାଗଜପତ୍ର ଜବତ କରି ଆଣିଥିବା ଜଣାପଡିଛି। ୨୦୧୫ରୁ ମାମଲା ରୁଜୁ କରିଥିବା ସିବିଆଇ ଖୁବ୍‌ଶୀଘ୍ର ଏହି ମାମଲାର ଅଭିଯୋଗ ଫର୍ଦ ଦାଖଲ କରିବାକୁ ଯାଉଛି ବୋଲି ସିବିଆଇ ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୋଗଅନୁଯାଇ ୨୦୧୪-୧୫ ବର୍ଷରେ କର୍ପୋରେସନ୍ ବ୍ୟାଙ୍କ ପକ୍ଷରୁ ଗୋଷ୍ଠୀ ଋଣ ଆକାରରେ ୮୦ଜଣଙ୍କୁ ପ୍ରାୟ ୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ଋଣ ପରିଶୋଧ ହୋଇ ନ ଥିଲା। ଦୀର୍ଘ ଦିନ ହେବ ଋଣ ଖିଲାପି ଯୋଗୁଁ ବ୍ୟାଙ୍କର ଅଣକାର୍ଯ୍ୟକାରୀ ପୁଞ୍ଜି ପରିମାଣ ବଢ଼ିଯାଇଥିଲା। ତେଣୁ ବ୍ୟାଙ୍କ ପକ୍ଷରୁ ଏନେଇ ସିବିଆଇ ନିକଟରେ ୨୦୧୫ରେ ଏକ ଅଭିଯୋଗ କରାଯାଇଥିଲା। ଯେଉଁ ୮୦ ଜଣ ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରୁ ଅଧିଂକାଶ ବ୍ୟବସାୟୀ ନିଜ ଦୋକାନ ନାମ ଏବଂ ଦୋକାନର ଠିକଣା ବଦଳାଇ ଋଣ ଆବେଦନ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ୨୦୧୫ରେ ଏହି ଜାଲିଆତି କରି ବ୍ୟାଙ୍କ ଋଣ ଖିଲାପର ସିବିଆଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିବାରୁ ପ୍ରାୟ ୨୦ ଜଣ ବ୍ୟବସାୟୀ ବ୍ୟାଙ୍କ ଋଣ ପରିଶୋଧ କରି ଦେଇଥିଲେ। ➤ ପୃ-୭

# ଇସ୍ରୋର ବିଶ୍ୱ ରେକର୍ଡ଼

## ଥରକେ ଛାଡ଼ିଲା ୧୦୪ ଉପଗ୍ରହ



**ଶ୍ରୀହରିକୋଟା :** ବୁଧବାର ନୂଆ କୀର୍ତ୍ତିମାନ ରଚିଛି ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରେ ଥିବା ଉପଗ୍ରହ ଉତ୍‌କ୍ଷେପଣ କେନ୍ଦ୍ରରୁ ଥରକେ ୧୦୪ଟି ଉପଗ୍ରହକୁ ସଫଳତାର ସହ ମହାକାଶକୁ ପଠାଇଛି ଇସ୍ରୋ। ବୁଧବାର ସକାଳ ୯.୨୮ ମିନିଟ୍ ସମୟରେ ପିଏସ୍‌ଏଲ୍‌ଭି-ସି୩୭ ସାହାଯ୍ୟରେ ପ୍ରଥମେ ମହାକାଶକୁ ଭାରତୀୟ ଉପଗ୍ରହ କାର୍‌ଟୋସାଟ୍-୨କୁ ମହାକାଶକୁ ପ୍ରେରଣ କରିବା ପରେ ଦୁଇଟି ଛୋଟ ଉପଗ୍ରହ ଆଇଏନ୍‌ଏସ୍-୧ଏ ଓ ୧ବିକୁ ମହାକାଶକୁ ପଠାଯାଇଥିଲା। ଏହାର ୧୦ ମିନିଟ୍ ମଧ୍ୟରେ ୧୦୧ଟି ଛୋଟ ଉପଗ୍ରହକୁ ମହାକାଶକୁ ପଠାଇଛି। ଏହି ଉପଗ୍ରହ ମଧ୍ୟରେ ୯୬ଟି ଆମେରିକାର ଉପଗ୍ରହ ରହିଥିବା ବେଳେ ଇସ୍ରାଏଲ୍, କାଜ୍‌କିସ୍ତାନ, ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ୟୁନାଇଟେଡ୍ ଆରବ ଏମିରେଟ୍‌ର ଉପଗ୍ରହ ରହିଛି। ୨୦୧୪ରେ ରୁଷିଆ ଥରକେ ୩୭ଟି ଓ ୨୦୧୩ରେ ଆମେରିକା ଥରକେ ୨୯ଟି ଉପଗ୍ରହ ମହାକାଶକୁ ପଠାଇଥିବା ବେଳେ ଇସ୍ରୋ ଥରକେ ୧୦୪ଟି ଉପଗ୍ରହ ମହାକାଶକୁ ପଠାଇ ନୂଆ ରେକର୍ଡ଼ ସୃଷ୍ଟି କରିଛି। ଏହି ସଫଳତା ପାଇଁ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଇସ୍ରୋର ଅଧ୍ୟକ୍ଷ ଏ ଏସ୍ କିରଣ କୁମାର। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଏହି ପ୍ରକଳ୍ପର ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବି. ଜୟକୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି ଥରକେ ୧୦୪ଟି ଉପଗ୍ରହକୁ ସଫଳତାର ସହ ମହାକାଶକୁ ପ୍ରେରଣ କରିବା ନିଶ୍ଚିତ ଭାବେ କଷ୍ଟକର ଥିଲା, ମାତ୍ର ଇସ୍ରୋର ବୈଜ୍ଞାନିକମାନେ ନିଷ୍ଠାର ସହ ଏହାକୁ ସଂପନ୍ନ କରିଛନ୍ତି। ବୈଜ୍ଞାନିକଙ୍କ ଏହି ପ୍ରଚେଷ୍ଟା ଦେଶ ପାଇଁ ଗର୍ବ ଆଣି ଦେଇଛି। ➤ ପୃ-୭

# ବଢ଼ିଲା ଧର୍ମେନ୍ଦ୍ରଙ୍କ ପତିଆରା

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନ ଫଳାଫଳ ପରେ ବିଜେଡି ଶାସିତ ରାଜ୍ୟ ଓଡ଼ିଶାରେ ରାଜନୀତିର ରୂପରଙ୍ଗ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି। ପୂର୍ଣ୍ଣାଙ୍ଗ ଫଳାଫଳ ସରକାରୀ ଭାବେ ଘୋଷଣା ହୋଇ ନଥିଲେ ସୁଦ୍ଧା ଏଥର ପଞ୍ଚାୟତ ନିର୍ବାଚନର ଫଳାଫଳ ବିଜେଡିକୁ ଶଙ୍କାଗ୍ରସ୍ତ କରିଥିବା ବେଳେ ବିଜେପି ଓଠରେ ହସ ଫୁଟାଇପାରିଛି। କିନ୍ତୁ ଭାଙ୍ଗିପଡିଛି ରାଜ୍ୟ କଂଗ୍ରେସ। ସୂଚନା ଅନୁସାରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ଗୋଟି ଚାଳନରେ ପୁରାମାତ୍ରାରେ ପଛରେ ପଡିଯାଇଛି। ଦୀର୍ଘବର୍ଷର ଶାସକୀୟ ଅନୁଭବକୁ ନେଇ ବିଜେଡି ଏଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସତ୍ତ୍ୱେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରିୟତାରେ ଚେକ୍ ଦେବାକୁ ସବୁପ୍ରକାର କୌଶଳ ଫେଲ ମାରିଛି। ଓଡ଼ିଶାରେ ପଦ୍ମ ଫୁଟାଇ ନଦେବା ପାଇଁ ବିଜେଡିର ହେଭିଓ୍ୱେଟ୍ ନେତା, ମନ୍ତ୍ରୀ, ଅଭିନେତା ଓ ଖୋଦ ରାଜ୍ୟ ମୁଖିଆ ମଧ୍ୟ ଲାଗିପଡିଥିଲେ। ନିର୍ବାଚନ ପ୍ରଚାର ବେଳେ ଦେଖାଯାଇଥିଲା ଯେ, ନବୀନ ବନାମ ଧର୍ମେନ୍ଦ୍ରଙ୍କ ଲଢ଼େଇ ସାରା ରାଇଜକୁ ହୁଲୁସ୍ଥୁଲ କରୁଛି। ଗତଥର ପଞ୍ଚାୟତ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ଜିଲ୍ଲା ପରିଷଦ ଆସନ ଦଖଲ କରିଥିବା ବିଜେଡିକୁ ଏଥର କଡା ମୁକାବିଲାର ସମ୍ମୁଖୀନ ହେବାକୁ ପଡିଛି। କେଉଁଠି ନିଜ ଦଳର ବିଦ୍ରୋହୀ ପ୍ରାର୍ଥୀଙ୍କ ଟକ୍କର ତ ଆଉ କେଉଁଠି ଭୋଟରଙ୍କ ଭିତରେ ଚିଟ୍‌ଫଣ୍ଡ, ଖଣି ଓ ପାଣି ତାତି। ଏସବୁକୁ ମୁକାବିଲା କରି ବିଜେଡି ମହାନଦୀ ପ୍ରସଙ୍ଗକୁ ଅଧିକ ଫୋକସ କରି ରାଜ୍ୟବାସୀଙ୍କ ମୁଣ୍ଡରେ ବିଜେପି ବିରୁଦ୍ଧରେ ସ୍ୱର ଉଠାଇଥିଲା। ହେଲେ ମହାନଦୀ ଜଳର ପ୍ରବାହ ଏମିତି ହେଲା ଯେ ବିଜେଡିର ସବୁ ଯୋଜନା ଫେଲ ମାରିଲା। ଦୀର୍ଘବର୍ଷ ଧରି ଦଳ ଶାସନ ଗାଦିରେ ରହି ସୁଦ୍ଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ବଜାୟ ରଖି ପାରି ନଥିବା ଜଣାପଡିଛି। ତେଣୁ ଶଙ୍ଖ ପ୍ରତି ଲୋକଙ୍କ ଭରସା କମିଛି। ବିଜେଡିର କିଛି ନେତା ମନ୍ତ୍ରୀଙ୍କ କୁକର୍ମ ବିଜେଡି ପାଇଁ ବିପର୍ଯ୍ୟୟ ଆଣିଦେଇଥିବା ଆଲୋଚନା ହେଉଛି। ଢୋଲ ଭିତରୁ ମୂଷା ନହଟିବା ଯାଏଁ ଏହି ଧାରା ଆଗକୁ ଅପରିବର୍ତ୍ତିତ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି। ➤ ପୃ-୭

## ପଞ୍ଚାୟତ ଫଳାଫଳ



## ଜନ ଆକ୍ରୋଶର ପ୍ରତିଫଳନ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନର ଫଳାଫଳକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶର ପ୍ରତିଫଳନ ଏବଂ ରାଜ୍ୟବାସୀ ବଡ଼ ଧରଣର ପରିବର୍ତ୍ତନ ନିମନ୍ତେ ମନ ସ୍ଥିର କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମାତ୍ର ଫଳାଫଳରେ ହତାଶ ଶାସକ ଦଳ ଅମଲାତନ୍ତ୍ରକୁ ନିଜ ସପକ୍ଷରେ ବ୍ୟବହାର କରିବା ଚିନ୍ତାର ବିଷୟ। ଏଥିସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଗ୍ରାମାଞ୍ଚଳରେ ଶାସକ ଦଳ ଏକଚାଟିଆ ଏଜେଣ୍ଟ କମିଶନି କାରବାର ଚଳାଇଛନ୍ତି । ଏହା ବିରୋଧରେ ଜନ ବିଦ୍ରୋହ ସୃଷ୍ଟି ହୋଇଛି।

## ରିଅଲ ଇଷ୍ଟେଟ୍ ପ୍ରସଙ୍ଗରେ ରାଜ୍ୟକୁ କେନ୍ଦ୍ରର ସତର୍କବାଣୀ

# ଆଇନ୍ ନକଲେ ମିଳିବନି ରିଆତି

**ଭୁବନେଶ୍ୱର :** ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧ ରିଅଲ ଇଷ୍ଟେଟ୍ ସଂକ୍ରାନ୍ତରେ ଆଇନ ପ୍ରଣୟନ ନ କଲେ ଗମ୍ଭୀର ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି ଏବଂ ଏହି କ୍ଷେତ୍ରରେ କୌଣସି ରିଆତି ମିଳିବ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ସତର୍କ କରି ଦେଇଛନ୍ତି କେନ୍ଦ୍ର ସରକାର। ଏ ସମ୍ପର୍କରେ ଓଡ଼ିଶା ସମେତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର ଅର୍ବାନ ଓ ସହରୀ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରୀ ଏମ୍.ଭେଙ୍କିଆ ନାଇଡୁ। ରାଜ୍ୟ ଗୁଡିକ ରିଅଲ ଇଷ୍ଟେଟ ନିୟାମକ ପ୍ରାଧିକରଣ ଓ ଅପିଲ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସଂସଦରେ ବିଲ୍ ପାରିତ ହୋଇଛି ଏବଂ ଆସନ୍ତା ମେ' ୧ ତାରିଖରୁ ସାରା ଦେଶରେ ଏ ସଂକ୍ରାନ୍ତ ଅଧିନିୟମ କାର୍ଯ୍ୟକାରୀ ହେବ। ରାଜ୍ୟରେ ନିୟାମକ ପ୍ରାଧିକରଣ ତଥା ଅପିଲ ଟ୍ରିବ୍ୟୁନାଲ ସଂକ୍ରାନ୍ତ ଅଧିନିୟମ କାର୍ଯ୍ୟକାରୀ ନ ହେଲେ ସମ୍ପୃକ୍ତ ରାଜ୍ୟଗୁଡିକର ଜନସାଧାରଣ ପ୍ରଭାବିତ ହେବେ। ଏହାଦ୍ୱାରା ରିଅଲ ଇଷ୍ଟେଟ କିଣାବିକା ସମୟରେ କ୍ରେତାମାନେ ଲାଭ ପାଇବେ ନାହିଁ। ➤ ପୃ-୭

# ଆତ୍ମହତ୍ୟା ନୁହେଁ ପ୍ରେମର ମାର୍ଗ

**ଭୁବନେଶ୍ୱର :** ପୂର୍ବାପେକ୍ଷା ଆଜିକାଲି ଭଲପାଇବା ବା ପ୍ରେମରେ ବିଫଳ ଯୁବପିଢ଼ି ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେଇଯାଉଛନ୍ତି। ସେମାନେ ଏଭଳି କରିବା ପୂର୍ବରୁ ଏହାର କରୁଣ ପରିଣତି ଯେ କ'ଣ ଓ ଏହା ତାଙ୍କ ପରିବାରକୁ କିଭଳି ଦୁର୍ଦ୍ଦଶା ମଧ୍ୟକୁ ଟାଣିନେବ ସେକଥା ଆଦୌ ଭାବୁନାହାନ୍ତି। କୈଶୋର ଅବସ୍ଥା ପରେ ଆସୁଥିବା ତାରୁଣ୍ୟରେ ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ବଢ଼ିଥାଏ। ଏହା କେବେ କେବେ ଭଲପାଇବାର ମାଧ୍ୟମ ହୋଇଥାଏ। ଆଗକାଳେ ଯୌବନ ଆସିଲେ ବି ଯୁବତୀଟିଏ ଯୁବକକୁ ବା ଯୁବକଟିଏ ଯୁବତୀକୁ ପ୍ରେମ ନିବେଦନ କରିବା ଏତେ ସହଜ ନଥିଲା। ରକ୍ଷଣଶୀଳ ସମାଜର କଠୋର କଟକଣା ଭିତରେ ବି ପ୍ରେମର ଅଂକୁରୋଦ୍ଗମ ହେବା ସହ ଏହା ସ୍ଥାୟୀ ସମ୍ପର୍କରେ ବା ବିବାହ ପରି ପବିତ୍ର ବନ୍ଧନରେ ରୂପାନ୍ତରିତ ହେଉଥିଲା। କେବେ କେମିତି ହାତଲେଖା ଚିଠି ଖଣ୍ଡିଏ ମିଳିଗଲେ ହାତପାହାନ୍ତରେ ସ୍ୱର୍ଗ ମିଳିବା ଭଳି ଅନୁଭବ ହେଉଥିଲା। ସାମାନ୍ୟ ଟିକେ ଦେଖାଚାହାଁ ବା ଆଖିର ଇସାରାରେ ପରିପୂର୍ଣ୍ଣତା ଆସୁଥିଲା ପ୍ରେମରେ। ଦେହ ଅପେକ୍ଷା ମନର ମିଳନ ହିଁ ଥିଲା ପ୍ରେମ। ପରିବାରର କଟକଣା, ପାଖ ପଡୋଶୀଙ୍କ ସନ୍ଦେହୀ ଆଖରୁ ବଞ୍ଚି ସେତେବେଳେ ପ୍ରେମ କରିବା ସହଜ ନଥିଲା। ତଥାପି ତା'ରି ଭିତରେ ଜୀବନର ଏହି ମଧୁର ସମ୍ପର୍କଟିକୁ ସାଇତି ରଖିବା ପାଇଁ ପ୍ରେମୀ ଯୁଗଳଙ୍କୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡୁଥିଲା ବେଳେ ସାଂପ୍ରତିକ ସମୟରେ ଏହା ଖୁବ୍ ଶସ୍ତା ଓ ସହଜ ହୋଇପଡିଛି।

ଅତୀତରେ ଡାକଘରକୁ ବାଦ୍ ଦେଲେ ପ୍ରେମଚିଠି ଦେବା ନେବାର ଆଉ କିଛି ସହଜ ମାଧ୍ୟମ ନଥିବାରୁ ଦୂର ଦୂରାନ୍ତ ପ୍ରେମ ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିଲା ପ୍ରେମ ବାତେନି ଟିକେ ଜାଣିବା ପାଇଁ। ହେଲେ ଆଜିକାଲି ପ୍ରେମର ବାର୍ତ୍ତା ପାଇଁ ଅସଂଖ୍ୟ ମାଧ୍ୟମ ହୋଇଗଲାଣି। ଫେସବୁକ୍, ହ୍ୱାଟ୍ସ୍‌ଆପ, ମେସେଞ୍ଜର, ମେଲ୍ ପରି ଅନେକାନକ ବ୍ୟବସ୍ଥା ସହିତ ମୋବାଇଲ ଫୋନ୍ ବାର୍ତ୍ତାଳାପର ସବୁଠୁ ସୁଖଦ ଅନୁଭବ ଆଣିଦେଉଛି। ଏପରିସ୍ଥଳେ ଭଲପାଇବାର ଭାଷା ଆଦାନ ପ୍ରଦାନ କରିବା ଆଉ ସୀମିତ ହୋଇରହିନାହିଁ। ଏହା ଏପରି ଖୋଲାଖୋଲି ଭାବେ ଚାଲିଛି ଯେ, ପରିବାରରେ କେହି ମଧ୍ୟ ଏହାର ଟେର ପାଉନାହାନ୍ତି। ଏଥିସହ କୋମଳ ବୟସରେ ଛାତ୍ରଗୋଷ୍ଠୀ ଭିତରେ କେହି କେହି ଭଲପାଇବାକୁ ଅଧିକ ଗୁରୁତ୍ୱ ଦେବା ଦ୍ୱାରା ସେମାନଙ୍କ ଭବିଷ୍ୟତ ଯେ ଅନ୍ଧାର ମୁହଁକୁ ଟାଣି ହୋଇଯାଉଛି ତାହା ବାସ୍ତବରେ ଅନୁମାନ କରିବା ସ୍ଥିତିରେ ନାହାନ୍ତି। ➤ ପୃ-୭




## ଛାଟୁପତି ଉବାଚ

ପଦୁଅଁ କଲାଣି ଶଙ୍ଖକୁ ହାଲିଆ
ହାତରେ ତ ନାହିଁ ବଳ
ଦୁଇ ନମ୍ବରରେ ଥିଲା ଗତଥର
ଏଥର ଭୋଟର ସାଜିଲେ କାଳ।
ମହାନଦୀ ପାଣି ଏମିତି ବହିଲା
ପଶ୍ଚିମରୁ ପୂର୍ବ ଯାଏ
ଶଙ୍ଖ ବାଜିଲାନି ପଦୁଅଁ ଫୁଟିଲା
ନେତା ହେଲେ ହାଏ ହାଏ।
ଲୋକଙ୍କ ପାଟିକୁ ଆଉ ରୁଚୁ ନାହିଁ
ଚାଉଳ କି ରନ୍ଧା ଭାତ
ଭିକ ବଦଳରେ ଚାକିରି ଖୋଜନ୍ତି
ନଦେଲେ ମାରନ୍ତି ନାତ।

- ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ଉତ୍ତର କୋରିଆର ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ୍



**ସିଓଲ:** ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ କରି ଉତ୍ତରକୋରିଆ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି । ଏହି ମଧ୍ୟମ ଧରଣର କ୍ଷେପଣାସ୍ତ୍ର ୫୦୦ କିମି ଅତିକ୍ରମ କରି ଜାପାନ ସାଗରରେ ଖସି ପଡ଼ିଥିଲା । ଖୁବ୍ ଶୀଘ୍ର ଉତ୍ତର କୋରିଆ ଏକ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷା କରିବ ବୋଲି ଏହାର ରାଷ୍ଟ୍ରମୁଖ୍ୟ କିମ୍ ଜଙ୍ଗ ଉନ୍ ପ୍ରକାଶ କରିଛନ୍ତି । ଦିନକ ପୂର୍ବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ମଧ୍ୟରେ ଆଲୋଚନା ବେଳେ ଟ୍ରମ୍ପ ଉତ୍ତର କୋରିଆର ଉତ୍ତେଜନା ସୃଷ୍ଟିକାରୀ ଆଭିମୁଖ୍ୟକୁ ନିନ୍ଦା କରି ଏହାର ରାଷ୍ଟ୍ରମୁଖ୍ୟ କିମ୍ ଜଙ୍ଗ ଉନଙ୍କୁ ଉଚିତ ଶିକ୍ଷା ଦିଆଯିବ ବୋଲି ଟ୍ରମ୍ପ କହିଥିଲେ । ଜାତିସଂଘ ନିର୍ଦ୍ଦେଶକୁ ବେଖାତିର କରି ଉତ୍ତରକୋରିଆ କ୍ଷେପଣାସ୍ତ୍ର ପରୀକ୍ଷା କରିଥିବାରୁ ଏହା ବିରୋଧରେ ଅଧିକ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜାପାନ ଆହ୍ୱାନ କରିଛି । ଜାପାନ ଆମେରିକାର ବନ୍ଧୁ ହୋଇଥିବାରୁ ଏହାର ସ୍ୱାର୍ଥ ରକ୍ଷା ନିମନ୍ତେ ସବୁପ୍ରକାର ପଦକ୍ଷେପ ନିଆଯିବ ବୋଲି ଟ୍ରମ୍ପ ଫ୍ଲୋରିଡାରେ ଗଣମାଧ୍ୟମକୁ କହିଛନ୍ତି ।

### ଏଚ୍‌ୱାନ୍ ବି ଭିସା ପ୍ରସଙ୍ଗ

# ଆମେରିକା ସହ ଆଲୋଚନା କରିବ ଭାରତ

**ନୂଆଦିଲ୍ଲୀ :** ଆମେରିକାର ନୂତନ ପ୍ରଶାସନ ପକ୍ଷରୁ ବିଦେଶୀ କର୍ମଚାରୀଙ୍କ ଉପରେ କଟକଣା ଲଗାଇବା ହେତୁ ଏବେ ଭାରତ ସମେତ ଅନ୍ୟାନ୍ୟ ଦେଶରୁ ଯାଇ ଆମେରିକାରେ କାର୍ଯ୍ୟରତ କୁଶଳୀ କର୍ମଚାରୀଙ୍କ ପାଇଁ ସମସ୍ୟା ଦେଖାଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାଏ ଆମେରିକା ହାଏ ଆମେରିକା ସ୍ଲୋଗାନ ଦେଇ ଏବେ ନିଯୁକ୍ତି କ୍ଷେତ୍ରରେ ତାଙ୍କ ଦେଶର ନାଗରିକଙ୍କୁ ହିଁ ଅଗ୍ରାଧିକାର ଦେଉଛନ୍ତି । ଏହି ସ୍ଥିତିରେ ଭାରତ ସମେତ ଅନ୍ୟାନ୍ୟ ଦେଶର କର୍ମଚାରୀମାନଙ୍କ ପାଇଁ ରହିଥିବା ନିୟମଗୁଡ଼ିକ ଆହୁରି କଡ଼ାକଡ଼ି କରାଯିବ ବୋଲି ଜଣାପଡିଛି । ଏହି ସ୍ଥିତିରେ ଭାରତର କୁଶଳୀ କର୍ମଚାରୀଙ୍କୁ ଆଗାମୀ ଦିନରେ ଦେଶାନ୍ତର ହେବାକୁ ମଧ୍ୟ ପଡ଼ିପାରେ ବୋଲି କୁହାଯାଉଛି । ଆମେରିକାରେ ରହୁଥିବା




ଭାରତୀୟ କର୍ମଚାରୀଙ୍କ ସମସ୍ୟାର ସମାଧାନ ଓ ଆମେରିକୀୟ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଦୃଷ୍ଟିରେ ରଖି ଭାରତ ସରକାର ଦେଶର ଉଦ୍ୟୋଗ ଜଗତର ସମସ୍ତ ତଥ୍ୟ ସଂଗ୍ରହ କରିଛି । ବିଶେଷ କରି ଆଇଟି କମ୍ପାନୀ ପକ୍ଷରୁ ଆମେରିକାକୁ ପ୍ରେରଣ କରୁଥିବା କର୍ମଚାରୀଙ୍କ ତଥ୍ୟଗୁଡ଼ିକୁ ସଂଗ୍ରହ କରାଯାଇଛି ଓ ବିଭିନ୍ନ ସମସ୍ୟା ଓ ଏହି କର୍ମଚାରୀମାନଙ୍କ ସୁରକ୍ଷା ନେଇ ଆମେରିକୀୟ ପ୍ରଶାସନ ସହ ଆଲୋଚନା ହେବ ବୋଲି କୁହାଯାଉଛି । ଭିସା ଉପରେ କଟକଣାକୁ କୋହଳ କରିବା ନେଇ ମଧ୍ୟ ବୈଠକ ହୋଇଯାଇଛି । ଗତ ସପ୍ତାହରେ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ନିର୍ମଳା ସୀତାରମଣ ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏଥିରେ ନାସ୍‌କମ୍ ଭଳି ଉଦ୍ୟୋଗ ସଂଗଠନଗୁଡ଼ିକ ବିଭିନ୍ନ କମ୍ପାନୀ ଓ ଉଦ୍ୟୋଗ ଜଗତରୁ ତଥ୍ୟ ସଂଗ୍ରହ କରି ଏହାର ସଂକଳନ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଆମେରିକୀୟ ପ୍ରଶାସନ ସହ ଆଲୋଚନା କରି ଭାରତୀୟ କର୍ମଚାରୀଙ୍କ ସମସ୍ୟାର ସମାଧାନ କରାଯାଇପାରିବ ବୋଲି କୁହାଯାଇଅଛି । ଉଲ୍ଲେଖଥାଉ କି ଭାରତ ଓ ଆମେରିକା ସହ ବହୁ ପୁରାତନ ବାଣିଜ୍ୟ ସମ୍ପର୍କ ରହିଅଛି । ବିଶେଷ କରି ଓବାମା ପ୍ରଶାସନ ଅମଳରେ ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ଅହେତୁକ ଭାବେ ବୃଦ୍ଧି ପାଇଥିଲା । ଏବେ ଟ୍ରମ୍ପ ପ୍ରଶାସନ ଅମଳରେ ଏହାକୁ ଆଗେଇ ନେବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଜାରି କରାଯାଇଥିବା ସୂଚନା ମିଳୁଛି ।

## ବନ୍ଦ ହେଲା ବନବନ୍ଧୁ କଲ୍ୟାଣ ଯୋଜନା

**ନୂଆଦିଲ୍ଲୀ :** ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ହିମାଚଳ ପ୍ରଦେଶ, ତେଲେଙ୍ଗାନା, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଗୁଜରାଟର ଜନଜାତି ବହୁଳ ବ୍ଲକରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବନବନ୍ଧୁ କଲ୍ୟାଣ ଯୋଜନା ବନ୍ଦ ହୋଇଯାଇଛି । ଏହି ଯୋଜନାର କ୍ରିୟାନ୍ୱୟରେ ମନ୍ଥରତା ଏବଂ ଯୋଜନା



କାର୍ଯ୍ୟକାରୀ ପାଇଁ ରାଜ୍ୟଗୁଡିକର ଅନାଗ୍ରହ ଯୋଗୁଁ ଏହାକୁ ବନ୍ଦ କରାଯାଇଥିବା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ସୂତ୍ରରୁ ଜଣାପଡିଛି । ଅବହେଳିତ ବ୍ଲକ ଚିହ୍ନଟ କରି ସେଗୁଡିକୁ ବିକାଶର ମୁଖ୍ୟସ୍ରୋତକୁ ଆଣିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ଏହି ଯୋଜନା ୨୦୧୪ ଅକ୍ଟୋବର ୨୮ ତାରିଖରେ ଦେଶର ୧୦ଟି ରାଜ୍ୟର ୧୦ଟି ଅତ୍ୟନ୍ତ ପଛୁଆ ବ୍ଲକରେ ଆରମ୍ଭ କରାଯାଇଥିଲା । ଯୋଜନାରେ ପ୍ରତ୍ୟେକ ବର୍ଷ ଚୟନ କରାଯାଇଥିବା ବ୍ଲକକୁ ୧୦ କୋଟି ଟଙ୍କାର ଅର୍ଥ ବରାଦ କରାଯାଉଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟଗୁଡିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଏଥିପ୍ରତି ରାଜ୍ୟ ସରକାରମାନେ କର୍ଣ୍ଣପାତ ନକରିବାରୁ କେନ୍ଦ୍ର ସରକାର ଯୋଜନା ବନ୍ଦ କରିଦେଇଛନ୍ତି । ଓଡ଼ିଶାର କୋରାପୁଟ ଜିଲ୍ଲାର ଅବହେଳିତ ବନ୍ଧୁଗାଁ ବ୍ଲକକୁ ଏହି ଯୋଜନାରେ ସାମିଲ କରାଯାଇଥିଲା ।

# ବାଂଲାଦେଶ ଦେଇ ଭାରତକୁ ଆସୁଛି ଜାଲ୍ ନୋଟ୍

**ନୂଆଦିଲ୍ଲୀ :** ସରକାରଙ୍କ ନୋଟ୍ ଅଚଳ ନିଷ୍ପତ୍ତି ପରେ ଏବେ ପାକିସ୍ତାନ ପୁଣିଥରେ ବାଂଲାଦେଶ ମାର୍ଗରେ ଭାରତକୁ ନକଲି ନୋଟ୍ ପହଞ୍ଚାଇବା ଆରମ୍ଭ କରିଦେଇଛି । ସୂଚନା ମୁତାବକ, ପାକିସ୍ତାନ ବାଂଲାଦେଶ ମାର୍ଗରେ ଭାରତକୁ ବହୁପରିମାଣରେ ୨୦୦୦ ଟଙ୍କିଆ ନକଲି ନୋଟ୍ ଚାଲାଣ କରୁଛି । ମୁର୍ସିଦାବାଦରେ ଅର୍ଜିଜୁର ରେହମାନଙ୍କୁ ଗିରଫ କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି । ଏନ୍‌ଆଇଏ ଓ ବିଏସ୍‌ଏଫ୍ ଦ୍ୱାରା ଗିରଫ



ହୋଇଥିବା ରେହମାନ ଜେରା ବେଳେ ସେ ମାଲଦାରୁ ୪୦ଟି ନକଲି ୨୦୦୦ ଟଙ୍କିଆ ନୋଟ୍ ଆଣିଥିବା ସ୍ୱୀକାର କରିଥିଲା । ଏହି ନୋଟ୍ ଗୁଡିକୁ ପାକିସ୍ତାନରେ ସେଠାକାର ଗୁଇନ୍ଦା ଏଜେନ୍ସି ଆଇ,ଏସ୍‌ଆଇ ସହଯୋଗରେ ଛପାଯାଇଥିଲା ଓ ବାଂଲାଦେଶ ସୀମା ଦେଇ ସେଗୁଡିକୁ ଭାରତ ଅଣାଯାଇଥିଲା । ପ୍ରତି ୨୦୦୦ ଟଙ୍କା ନକଲି ନୋଟ୍ ପାଇଁ ଚାଲାଣକାରୀଙ୍କୁ ୪୦୦ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି । ତେବେ ଏହି ମୂଲ୍ୟ ନକଲି ନୋଟ୍ର ଛପେଇ କ୍ୱାଲିଟି ଉପରେ ଧାର୍ଯ୍ୟ ହୋଇଥାଏ । ଏହି ନୋଟ୍ ଗୁଡିକରେ ଦର୍ଶାଯାଇଥିବା ୧୭ରୁ ୧୧ଟି ସୁରକ୍ଷା ଫିଚର ସମ୍ପୂର୍ଣ୍ଣ ରୂପେ ନକଲି । ଏଥିରେ ୱାଟରମାର୍କ, ଅଶୋକ ସ୍ତମ୍ଭ ସମେତ ଏକାଧିକ ଫିଚର ଅସଲି ନୋଟ୍ ସଦୃଶ ରହିଛି । ଏହାଛଡ଼ା ଆର୍‌ବିଆଇ ଗଭର୍ଣ୍ଣରଙ୍କ ହସ୍ତାକ୍ଷର ଓ ଅନ୍ୟ ଭାଷାରେ ଲିଖିତ ଶବ୍ଦ ମଧ୍ୟ ଅବିକଳ ଅସଲି ନୋଟ୍ ଭଳି ରହିଛି । ଏହି ନକଲି ନୋଟ୍‌ଗୁଡିକର ପେପର୍ ଅତ୍ୟନ୍ତ ଖରାପ ମାନର ହୋଇଥିଲେ ମଧ୍ୟ ଏଗୁଡିକୁ ମୋଡିଲେ ଯେଉଁ ଶବ୍ଦ ବାହାରିଥାଏ ଅସଲି ନୋଟ୍‌ରୁ ମଧ୍ୟ ସମାନ ଶବ୍ଦ ବାହାରିଥାଏ । ଏଥିସହିତ ନକଲି ନୋଟ୍ ଗୁଡିକର ମାନ ପୂର୍ବାପେକ୍ଷା ଭଲ ରହିଥିବାରୁ ସେଗୁଡିକୁ ଚିହ୍ନଟ କରିବା କଷ୍ଟକର ହେଉଛି । ନୋଟ୍ ଅଚଳ ଯୋଗୁଁ ହୋଇଥିବା ପରିବର୍ତ୍ତନ କାରଣରୁ ନକଲି ନୋଟ୍ କାରବାର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ଏହା ପୁଣିଥରେ ଆରମ୍ଭ ହୋଇଛି ।

### ବିମୁଦ୍ରିକରଣ ପରେ ଅଚଳ ଟଙ୍କା ଜମା

## ତଥ୍ୟ ଦେଲେ ୫.୨୭ ଲକ୍ଷ କରଦାତା



**ନୂଆଦିଲ୍ଲୀ :** ବିମୁଦ୍ରୀକରଣ ପରବର୍ତ୍ତୀ ସମୟରେ ହୋଇଥିବା ସନ୍ଦେହଜନକ ବ୍ୟାଙ୍କ ଜମାକୁ ନେଇ ଆୟକର ବିଭାଗ ୧୮ ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ୍ ଏବଂ ଇ-ମେଲ୍ ପଠାଇଥିଲା । ଏହି ବ୍ୟକ୍ତିଙ୍କ ମଧ୍ୟରୁ ୫.୨୭ ଲକ୍ଷ ଟିକସଦାତା ଆୟକର ବିଭାଗକୁ ଜମା ତଥ୍ୟ ପ୍ରଦାନ କରିଛନ୍ତି । ସନ୍ଦେହଜନକ ଜମାର ତଥ୍ୟ ନ ଦେଲେ ବିଭାଗ ପରବର୍ତ୍ତୀ ପର୍ଯ୍ୟାୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲା । ତଥ୍ୟ ଦେଇଥିବା ଟିକସଦାତାଙ୍କ ମଧ୍ୟରୁ ପ୍ରାୟ ୯୯.୫% ଲୋକ ଜମା କରିଥିବା ଟଙ୍କାର ଠିକ୍ ତଥ୍ୟ ଦେଇଛନ୍ତି ବୋଲି ବିଭାଗ କହିଛି । ଏହି ଜମା ୭.୪୧ ଲକ୍ଷ ବ୍ୟାଙ୍କ ଖାତାରେ ହୋଇଛି । ସରକାର ଆରମ୍ଭ କରିଥିବା ଅପରେଶନ୍ କ୍ଲିନ୍ ମନି ଦ୍ୱାରା ଲୋକମାନେ ଟଙ୍କା ଜମା କରିଥିବା ଅନ୍ୟାନ୍ୟ ୨୫ ହଜାର ବ୍ୟାଙ୍କ ଖାତାର ସୂଚନା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଦାନ କରିଛନ୍ତି । ଟିକସଦାତାଙ୍କ ବ୍ୟବସାୟ ଏବଂ ପୂର୍ବର ରିଟର୍ନକୁ ବିଭାଗ ବିଚାର କରୁଛି । ଅପରେଶନ୍ କ୍ଲିନ୍ ମନି ଦ୍ୱାରା ୫ଲକ୍ଷ ଟଙ୍କାରୁ ଅଧିକ ପରିମାଣର ଜମା ହୋଇଥିବା ଆକାଉଣ୍ଟଗୁଡିକୁ ତଥ୍ୟ ଦେବା ପାଇଁ ଆୟକର ବିଭାଗ କହିଥିଲା । ଏହି ତଥ୍ୟ ୧୦ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା । ବିଭାଗ କହିଛି ଯେ, ଏସ୍‌ଏମ୍‌ଏସ୍ ପାଇଥିବା ୪.୮୪ ଲକ୍ଷ ଟିକସଦାତା ବର୍ତ୍ତମାନ ପର୍ଯ୍ୟନ୍ତ ଇ-ଫିଲିଂ ପୋର୍ଟାଲରେ ପଞ୍ଜୀକୃତ ହୋଇନାହାନ୍ତି । ଏଣୁ ଏହି ଟିକସଦାତାମାନେ ଶୀଘ୍ର ଜମା ତଥ୍ୟ ପ୍ରଦାନ କରିବାକୁ ଆୟକର ବିଭାଗ ନିର୍ଦ୍ଦେଶ ଦେଇଛି ।

## ନିଷ୍କ୍ରିୟ ହେଲା ୨ୟ ବିଶ୍ୱଯୁଦ୍ଧ ବୋମା

**ଥେସାଲୋନିକ :** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବୋମାକୁ ନିଷ୍କ୍ରିୟ କରିବା ପାଇଁ ଗ୍ରୀସ୍ ପ୍ରଶାସନ ଆରମ୍ଭ କରିଥିବା ଅଭିଯାନ ସମ୍ପୂର୍ଣ୍ଣ ହୋଇଛି । ଏଥିପାଇଁ ଥେସାଲୋନିକ୍ ସହରର ୭୫ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବା ପରେ ଦୀର୍ଘ ୮ ଘଣ୍ଟାର କସରତ ପରେ ୨୫୦ କିଲୋ ଓଜନର ଏହି ବୋମାକୁ ନିଷ୍କ୍ରିୟ କରାଯାଇଥିଲା । ଏଭଳି ବୋମାକୁ ନିଷ୍କ୍ରିୟ କରିବା ଏକ ବିପଦଜନକ ପ୍ରକ୍ରିୟା ଥିବାରୁ ଏତେ ସଂଖ୍ୟକ ଲୋକଙ୍କୁ ସ୍ଥାନାନ୍ତର ବାଧ୍ୟତାମୂଳକ ଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଯଦି ଏହି ବୋମା ବିସ୍ଫୋରଣ ଘଟିଥାନ୍ତା ତା' ହେଲେ ସହରରେ ପ୍ରଳୟ ସୃଷ୍ଟି ହୋଇଥାନ୍ତ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି । ଗତ ସପ୍ତାହରେ ସହରର ରାସ୍ତା କାମ ଚାଲିଥିବା ବେଳେ ଏହି ବୋମା ମିଳିଥିଲା । ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର ବୋମା ବୋଲି ଜଣାପଡ଼ିବା ପରେ ଏହାକୁ ଉଦ୍ଧାର ଓ ନିଷ୍କ୍ରିୟ ପାଇଁ ବିଶାଳ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବୋମା ମିଳିଥିବା ସ୍ଥାନର ଦୁଇ କି.ମି. ପରିମିତ ଅଞ୍ଚଳରୁ ସବୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଜନଗହଳିପୂର୍ଣ୍ଣ ସ୍ଥାନରେ ଏତେ ବଡ଼ ବୋମା ମିଳିବା ପ୍ରଥମ ଘଟଣା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାର ସାତ ଦଶନ୍ଧି ପରେ ମଧ୍ୟ ବିଶ୍ୱର ଅନେକ ସ୍ଥାନରୁ ଅଫୁଟା ବୋମା ମିଳୁଥିବା ସୂଚନା ମିଳିଛି ।

# ବୟସ୍କା ମା'ଙ୍କ ସନ୍ତାନ ଅଧିକ ସ୍ମାର୍ଟ

**ଲଣ୍ଡନ:** ମହିଳାଙ୍କୁ ୩୫ବର୍ଷ ବୟସ ହେବା ପରେ ସେମାନଙ୍କ ଜନ୍ମିତ ସନ୍ତାନ ସ୍ମାର୍ଟ ହୋଇପାରନ୍ତି ବୋଲି ବୈଜ୍ଞାନିକମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି । ୪୦ବର୍ଷ ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ବୟସ୍କା ମା'ଙ୍କ ସନ୍ତାନଙ୍କ ମାନସିକ ଦକ୍ଷତା ତରୁଣୀ ମା'ଙ୍କ ସନ୍ତାନଙ୍କ ମାନସିକ ଦକ୍ଷତା ତରୁଣୀ ମା'ଙ୍କ ସନ୍ତାନଙ୍କ ମାନସିକ ଦକ୍ଷତା ଅଧିକ ଓ ଉନ୍ନତତର । ବିଶେଷକରି ସଚେତନ ମହିଳାମାନେ ବିଳମ୍ବରେ ସନ୍ତାନ ଜନ୍ମ କରୁଥିବାରୁ ବୁଦ୍ଧିମାନ ସନ୍ତାନ ଜନ୍ମ ହୋଇଥାଆନ୍ତି ବୋଲି ବ୍ରିଟେନସ୍ଥିତ ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସ ଆଣ୍ଡ ପଲିଟିକାଲ୍ ସାଇନ୍ସ (ଏଲ୍‌ଏସ୍‌ଇ)ର ଗବେଷକମାନେ କହିଛନ୍ତି । ଆଜିକାଲି ବୟସ୍କା ମା' ମାନେ ତରୁଣୀ ମା'ଙ୍କ ଅପେକ୍ଷା ଅଧିକ ଅଗ୍ରଣୀ । ଉଦାହରଣ ସ୍ୱରୂପ ସେମାନେ ସୁଶିକ୍ଷିତ, ଗର୍ଭଧାରଣ ସମୟରେ କମ୍ ଧୂମପାନ କରନ୍ତି ଏବଂ ବୃତ୍ତିଗତ କାର୍ଯ୍ୟରେ



ନିୟୋଜିତ ତଥା ସୁପ୍ରତିଷ୍ଠିତ । ମହିଳାଙ୍କ ଏସବୁ ଉତ୍ତମ ଗୁଣଗୁଡ଼ିକ ଅତୀତ ଦିନମାନଙ୍କରେ କମ୍ ଦେଖାଯାଉଥିଲା । ବର୍ତ୍ତମାନ ଅଧିକ ବୟସରେ ପ୍ରଥମ ସନ୍ତାନ ଜନ୍ମ ଦେଉଥିବା ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ହାରାହାରି ଭାବେ ଦେଖିବାକୁ ଗଲେ ପ୍ରଥମ ସନ୍ତାନ ହିଁ ଅପେକ୍ଷାକୃତ ଅଧିକ ମାନସିକ ଦକ୍ଷତା ଦେଖାଇ ଥାଆନ୍ତି ବୋଲି ଗବେଷକମାନେ କହିଛନ୍ତି । ଏହାର କାରଣ ପ୍ରଥମ ସନ୍ତାନମାନେ ପିତାମାତାଙ୍କଠାରୁ ଅଧିକ ସ୍ନେହ, ଶ୍ରଦ୍ଧା ଓ ଆଦର ଯତ୍ନ ପାଇବା ସହିତ ଶରୀର ପୋଷଣ ପାଇଁ ଯଥେଷ୍ଟ ଖାଦ୍ୟ ମିଳିପାରିଥାଏ । କିନ୍ତୁ ପ୍ରଥମ ସନ୍ତାନ ପରେ ଜନ୍ମ ହେଉଥିବା ସନ୍ତାନ ଅନୁରୂପ ସୁବିଧା ସୁଯୋଗ ପାଇପାରି ନଥାନ୍ତି । ଏମିତି ଦେଖିବାକୁ ଗଲେ ଅତୀତରେ ମା' ବୟସ୍କା ହେବା ବେଳକୁ ତୃତୀୟ କିମ୍ବା ଚତୁର୍ଥ ସନ୍ତାନ ଜନ୍ମ ଦେଉଥିଲେ ବୋଲି ଗବେଷକମାନ ମତ ଦେଇଛନ୍ତି ।

## ୧୧୦ ଜାପାନ କମ୍ପାନୀ ଦେବାଳିଆ

**ବେଜିଂ :** ବର୍ଷକ ମଧ୍ୟରେ ଚାଇନାରେ ଜାପାନର ୧୧୦ଟି କମ୍ପାନୀ ଦେବାଳିଆ ଅବସ୍ଥାକୁ ଚାଲି ଆସିଥିବା ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାପଡିଛି । ବିଶ୍ୱର ଏକ ଦ୍ୱିତୀୟ ପ୍ରମୁଖ ଅର୍ଥନୀତି ଭାବରେ ପରିଗଣିତ ଚାଇନାରେ ବର୍ତ୍ତମାନ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ (ବାଣିଜ୍ୟ ସୁବିଧା)ରେ ସଙ୍କଟ ଆସିଥିବାରୁ କମ୍ପାନୀଗୁଡିକ ଏହିଭଳି ସ୍ଥିତିକୁ ଚାଲି ଆସିଛନ୍ତି । ଟୋକିଓର ସୋକୋ ରିସର୍ଚ୍ଚ ପ୍ରକାଶ କରିଥିବା ରିପୋର୍ଟ ମୁତାବକ ଏହି ୟୁନିଟ୍‌ଗୁଡିକ ବନ୍ଦ ହେବା ପଛରେ ଚାଇନାରେ ବାଣିଜ୍ୟ ପାଇଁ ଥିବା ବିଭିନ୍ନ ଅସୁବିଧା ସ୍ଥିତିକୁ ବିଚାର କରାଯାଇଛି । ସେହିଭଳି ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଏବଂ ଉଷ୍ମ ରାଜନୈତିକ ସ୍ଥିତି ମଧ୍ୟ କମ୍ପାନୀଗୁଡିକ ଉପରେ ଖରାପ ପ୍ରଭାବ ପକାଇଛି । ୨୦୧୪ରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ୧୦୧ଟି ଫାର୍ମ ରହିଥିବା ବେଳେ ଏହା ୨୦୧୬ରେ ୧୧୦କୁ ବୃଦ୍ଧି ହୋଇଛି । ବର୍ତ୍ତମାନ ଚାଇନାରେ ବିଦେଶୀ ନିବେଶ କମିଥିବାରୁ ଅଭିବୃଦ୍ଧି ମଧ୍ୟ କମିଛି । ୨୦୧୨ ପରଠାରୁ ବିବାଦୀୟ ପୂର୍ବ ଚାଇନା ସାଗରକୁ ନେଇ ଥିବା ରାଜନୈତିକ ବାତାବରଣ ମଧ୍ୟ ଜାପାନ କମ୍ପାନୀଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଛି । ଚାଇନାରେ ନିବେଶ କ୍ଷେତ୍ରରେ ଗତ ଏକ ଦଶନ୍ଧି ମଧ୍ୟରେ ଜାପାନ ଅଗ୍ରଣୀ ରହିଛି । ଜାପାନର ପ୍ରମୁଖ ଅଟୋମୋବାଇଲ ଫାର୍ମଗୁଡିକ ଚାଇନା ବଜାରରେ ନିବେଶ ମଧ୍ୟ କରିଛନ୍ତି । ବିଭିନ୍ନ ଦ୍ୱିପାକ୍ଷିକ ଅସୁବିଧା ସତ୍ତ୍ୱେ ୨୦୧୫ରେ ଦୁଇ ଦେଶ ମଧ୍ୟରେ ୩୦୩ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା । ସେହିଭଳି ଚାଇନାର ଲୋକମାନେ ଜାପାନ ସାମଗ୍ରୀ ବ୍ୟବହାର କରିବାକୁ ମନା କରିବାରୁ ଏହା ବାଣିଜ୍ୟକୁ ପ୍ରଭାବିତ କରିଛି । ଜାପାନ କମ୍ପାନୀଗୁଡିକର ଋଣ ପରିମାଣ ବର୍ତ୍ତମାନ ୭୧.୮୪ ବିଲିୟନ ୟେନରେ ପହଞ୍ଚିଛି । କମ୍ପାନୀ ବନ୍ଦ ହେବା ଦ୍ୱାରା ୧୬୩୮ ଜଣଙ୍କ ପ୍ରତ୍ୟେକ୍ଷ କର୍ମନିଯୁକ୍ତି ପ୍ରଭାବିତ ହୋଇଛି । ଏହି କମ୍ପାନୀଗୁଡିକ ମଧ୍ୟରେ ୬୩ଟି ପାଇକାରୀ କମ୍ପାନୀ ରହିଥିବା ବେଳେ ୩୩ଟି ମାନୁଫାକଚରିଂ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡିକ ପୋଷାକ ଉତ୍ପାଦନ ୟୁନିଟ୍ ବୋଲି ଜଣାପଡିଛି । ଚାଇନା ବଜାରରେ ପରିବର୍ଦ୍ଧିତ ଲେବର ଖର୍ଚ୍ଚ କମ୍ପାନୀଗୁଡିକ ପାଇଁ ଅସୁବିଧା ସୃଷ୍ଟି କରିଥିବା ମିତସୁହିରୋ ହାରଦା କହିଛନ୍ତି ।

# ପାକ୍ ସିନେଟ୍ ଉପାଧ୍ୟକ୍ଷଙ୍କୁ ଭିସା : ମନା କଲା ଆମେରିକା

**ଇସ୍‌ଲାମାବାଦ :** ପାକିସ୍ତାନ ପାର୍ଲାମେଣ୍ଟର ଉପର ସଦନ (ସିନେଟ)ର ଉପାଧ୍ୟକ୍ଷ ମୌଲାନା ଅବଦୁଲ ଗଫୁର ହାଇଦରିଙ୍କୁ ଭିସା ଦେବା ଲାଗି ଆମେରିକା ମନା କରିଦେଇଛି । ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ହେବାକୁ ଥିବା ଇଣ୍ଟର ପାର୍ଲାମେଣ୍ଟାରି ୟୁନିୟନ (ଆନ୍ତଃ ସଂସଦୀୟ ସଂଘ) ବୈଠକରେ ଯୋଗଦେବାକୁ ସେ ଆମେରିକା ଯିବାକୁ ଥିଲା । ଫେବୃଆରୀ ୧୩ ଓ ୧୪ରେ ଏହି ବୈଠକ ହେବାର ଥିଲା । ଏକ୍ସପ୍ରେସ ଟ୍ରିବ୍ୟୁନର ରିପୋର୍ଟ ଅନୁଯାୟୀ ହାଇଦରିଙ୍କ ଭିସାକୁ ସ୍ଥଗିତ




ରଖାଯାଇଛି । ହାଇଦରିଙ୍କ ସହିତ ଜାମିଆତ୍ ଉଲେମା ଇସ୍‌ଲାମର ସାଧାରଣ ସମ୍ପାଦକ ତଥା ସିନେଟ୍‌ର ତଥା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ସାଲାହୁଦ୍ଦିନ ତିର୍ମିଜି ଏହି ବୈଠକରେ ଯୋଗଦେବାକୁ ଥିବାବେଳେ ତାଙ୍କୁ ଭିସା ପ୍ରଦାନ କରାଯାଇଛି । ତେବେ ବୈଠକର ଦୁଇଦିନ ପୂର୍ବରୁ ତାଙ୍କ ଭିସା ଅନୁମୋଦନ କରାଯାଇଥିଲା । ଉପାଧ୍ୟକ୍ଷଙ୍କ ଭିସା ନ ମିଳିବାରୁ ସିନେଟ୍ ଅଧ୍ୟକ୍ଷ ରାଜା ରବାନିଙ୍କ ନିର୍ଦ୍ଦେଶକ୍ରମେ ଉଭୟଙ୍କ ଗସ୍ତ ବାତିଲ କରାଯାଇଛି । ମୁସଲମାନ ବହୁଳ ରାଷ୍ଟ୍ରର ନାଗରିକଙ୍କ ଆମେରିକା ଆଗମନ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲାଗୁ କରିଥିବା କଟକଣା ଉପରୁ ରହିତାଦେଶ ଉଠାଇବା ଲାଗି ଅଦାଲତ ମନା କରିଛନ୍ତି । ଟ୍ରମ୍ପ ଇରାନ, ଇରାକ, ଲିବିୟା, ସୋମାଲିଆ,ସୁଦାନ, ସିରିୟା ଓ ୟେମେନର ନାଗରିକଙ୍କୁ ଆମେରିକା ଭିସା ନିଷିଦ୍ଧ କରିଥିବାବେଳେ ପାକିସ୍ତାନ, ଆଫଗାନିସ୍ତାନ ଓ ସାଉଦି ଆରବର ନାଗରିକଙ୍କୁ ମଧ୍ୟ ଭିସା ପ୍ରଦାନ ଉପରେ କଟକଣା ଲାଗୁ କରିଛନ୍ତି ।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱେବ୍‌ସାଇଟ୍ ହ୍ୟାକ୍

**ନୂଆଦିଲ୍ଲୀ :** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବା ଜଣାପଡ଼ିବା ପରେ ତୁରନ୍ତ ଉକ୍ତ ୱେବ୍‌ସାଇଟ୍‌କୁ ଅସ୍ଥାୟୀ ଭାବେ ବନ୍ଦ କରି ଦିଆଯାଇଛି । ନ୍ୟାଶନାଲ୍ ଇନ୍‌ଫର୍ମେଟିକ୍ସ ସେଣ୍ଟର ପ୍ରଥମେ ହ୍ୟାକିଂ ସମ୍ପର୍କରେ ଜାଣିପାରିଥିଲା ଏବଂ ୱେବ୍‌ସାଇଟ୍‌କୁ ବ୍ଲକ୍ କରି ଦେଇଥିଲା । କମ୍ପ୍ୟୁଟର୍ ଏମର୍ଜେନ୍ସି ରେସ୍ପନ୍ସ ଟିମ୍ ବର୍ତ୍ତମାନ ଏହାର ଯାଞ୍ଚ କରୁଥିବା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ । କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ୱେବ୍‌ସାଇଟ୍ ହ୍ୟାକ୍ କରାଯିବା ଘଟଣା ପରେ ସାଧାରଣ ଜନତାଙ୍କ ବିଭିନ୍ନ ଆକାଉଣ୍ଟ କେତେ ସୁରକ୍ଷିତ ତାହାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛିଦିନ ପୂର୍ବରୁ ନ୍ୟାଶନାଲ୍ ସିକ୍ୟୁରିଟି ଗାର୍ଡର ୱେବ୍‌ସାଇଟ୍ ମଧ୍ୟ ପାକିସ୍ତାନୀ ହ୍ୟାକରଙ୍କ ଦ୍ୱାରା ହ୍ୟାକ୍ କରାଯାଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାର୍ତ୍ତା ପଠାଯାଇଥିଲା । ସୂଚନାଯୋଗ୍ୟ ଯେ, ଗତ ୪ବର୍ଷ ମଧ୍ୟରେ କେନ୍ଦ୍ର ତଥା ରାଜ୍ୟସ୍ତରରେ ବିଭିନ୍ନ ସରକାରୀ ବିଭାଗର ୭୦୦ରୁ ଊର୍ଦ୍ଧ୍ୱ ୱେବ୍‌ସାଇଟ୍ ହ୍ୟାକ୍ ହୋଇସାରିଛି । ଏହିସବୁ ମାମଲାରେ ଏପର୍ଯ୍ୟନ୍ତ ୮,୩୪୮ ଜଣ ଗିରଫ ହୋଇଛନ୍ତି ।

# ବଢୁଛି ସାଇବର ବୀମା ଚାହିଦା

**ବମ୍ବେ :** ସାରା ଦେଶରେ ସାଇବର ଅପରାଧ କ୍ରମଶଃ ବଢି ଚାଲିଥିବା ବେଳେ ଏଥିରୁ ବ୍ୟାଙ୍କ ଟ୍ରାଞ୍ଜାକ୍‌ସନ ମଧ୍ୟ ବାଦ୍ ପଡ଼ିନାହିଁ । ବର୍ତ୍ତମାନ କ୍ୟାସଲେସ ଟ୍ରାଞ୍ଜାକ୍‌ସନକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏହା ଲୋକଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇଛି । ମାତ୍ର ସାଇବର ନିରାପତ୍ତାକୁ ବିଚାର କରିଲେ ଏହି ଟ୍ରାଞ୍ଜାକ୍‌ସନ ନିରାପଦ ନ ଥିବାରୁ ବର୍ତ୍ତମାନ ସାଇବର ବୀମା ଏବଂ ସାଇବର ଲାଏବିଲିଟି ବୀମା ପାଇଁ ଲୋକମାନେ ଆଗ୍ରହ ଦେଖାଉଛନ୍ତି । ଏବେ ସାଇବର ବୀମା ବଜାର ମାତ୍ର ୬୦ କୋଟିରେ ସୀମିତ ରହିଛି । ମାତ୍ର ଏହାର ଚାହିଦାରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହେଉଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହି ଧାରାରେ ଏକ ବିରାଟ ପରିବର୍ତ୍ତନ ଆସିବ ବୋଲି ବିଶେଷଜ୍ଞ ମାନେ କହିଛନ୍ତି ।

ଘରୋଇ ବଜାରରେ ବିଭିନ୍ନ ପ୍ରକାରର ସାଇବର ବୀମା କଭର ଉପଲବ୍ଧ ହେଉଛି । ମାତ୍ର ବ୍ୟାଙ୍କଗୁଡ଼ିକ ପାଇଁ ବିଶେଷ ଭାବରେ ସାଇବର ଲାଏବିଲିଟି ବୀମାର ଚାହିଦା ରହିଥିବା ବୀମା କମ୍ପାନୀଗୁଡ଼ିକ ଦେଇଥିବା ତଥ୍ୟରୁ ଏହା ଜଣାପଡିଛି । ସାଇବର ବୀମା ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟରେ ନିୟୁ ଇଣ୍ଡିଆ, ନ୍ୟାସ୍‌ନାଲ, ଆଇସିଆଇସିଆଇ ଲୋମ୍‌ବାର୍ଡ, ଟାଟା ଏଆଇଜି, ଏଚ୍‌ଡିଏଫ୍‌ସି ଏର୍ଗୋ ଏବଂ ବଜାଜ ଆଲିଆଞ୍ଜ ଭଳି କମ୍ପାନୀ ରହିଛନ୍ତି । ଗତବର୍ଷ ସାଇବର ଆଟାକର ସାମ୍ନା କରିଥିବା ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଏସବିଆଇ) ବର୍ତ୍ତମାନ ଏହାର ୩୦କୋଟି ଉପଭୋକ୍ତାଙ୍କୁ ବୀମା ସେବା ଦେବାକୁ ବିଚାର କରୁଛି । ଏସ୍‌ବିଆଇ ଏହାର ବ୍ୟାଙ୍କିଙ୍ଗ ସିଷ୍ଟମରେ ଶକ୍ତିଶାଳୀ ନିରାପତ୍ତା ସିଷ୍ଟମର ବ୍ୟବହାର



କରୁଛି । ଏହାସହିତ ଗ୍ରାହକଙ୍କୁ ସାଇବର ବୀମା ସୁବିଧା ପ୍ରଦାନ କରିବାକୁ ସମସ୍ତ ପ୍ରକାରର ପଦକ୍ଷେପ ନିଆଯାଉଥିବା ଏସ୍‌ବିଆଇ ପରିଚାଳନା ନିର୍ଦ୍ଦେଶକ ରଜନୀଶ କୁମାର କହିଛନ୍ତି । ସମସ୍ତ ବିଷୟକୁ ବର୍ତ୍ତମାନ ତର୍ଜମା କରାଯାଉଥିବା ବେଳେ ବୀମା ପାଇଁ ପ୍ରିମିୟମ ଯେଭଳି ଯୋଜନାକୁ ସୁହାଇବ ସେ ବିଷୟକୁ ମଧ୍ୟ ବିଚାର କରାଯାଉଛି ବୋଲି କୁମାର କହିଛନ୍ତି । ନିକଟରେ ଦେଶରେ ଏକ ବିରାଟ ଆର୍ଥିକ ଡାଟା ଠକେଇ ହୋଇଥିବା ସାମ୍ନାକୁ ଆସିଥିଲା । ଏଥିରେ ବିଭିନ୍ନ ବ୍ୟାଙ୍କର ୩.୨ ନିୟୁତ ଡେବିଟ୍ କାର୍ଡ ଏବଂ ଏଟିଏମ୍ ସଂକ୍ରାନ୍ତ ବିଭିନ୍ନ ତଥ୍ୟ ଉପରେ ସାଇବର ଆଟାକ ହୋଇଥିଲା । କେତେକ ଉପଭୋକ୍ତା ମଧ୍ୟ ରିପୋର୍ଟ କରିଥିଲେ ଯେ ଚାଇନାରୁ ଏହିପରି ଆଟାକ୍ ହେଉଛି । ଆଟାକ ହୋଇଥିବା ବିଭିନ୍ନ ବ୍ୟାଙ୍କ ମଧ୍ୟରେ ଏସ୍‌ବିଆଇ, ଏଚଡିଏଫ୍‌ସି ବ୍ୟାଙ୍କ,ଆଇସିଆଇସିଆଇ ବ୍ୟାଙ୍କ, ୟେସ୍ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଭଳି ବ୍ୟାଙ୍କ ରହିଛନ୍ତି । ଏହି ସମୟରେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ସେମାନଙ୍କ ସିକ୍ୟୁରିଟି କୋଡ୍ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲେ । ଏଥିରେ କୌଣସି ଆର୍ଥିକ କ୍ଷତି ହୋଇ ନ ଥିବାବେଳେ ଏଥିରେ ଅଧିକ ସାବଧାନତା ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏସ୍‌ବିଆଇ ଏହି ଘଟଣାରେ ୬ଲକ୍ଷ ଡେବିଟ୍ କାର୍ଡ ବ୍ଲକ କରି ଦେଇଥିଲା । ସେହିଭଳି ବ୍ୟାଙ୍କ ଅଫ୍ ବରୋଦା ମଧ୍ୟ ୧ଲକ୍ଷ କାର୍ଡ ବ୍ଲକ କରି ଦେଇଥିଲା । ଗ୍ରାହକଙ୍କୁ ସାଇବର ବୀମା ଦିଗରେ ଆମେ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି ବୋଲି ବ୍ୟାଙ୍କ ଅଫ୍ ବରୋଦା ମଧ୍ୟ ବିଚାର କରୁଛି । ସେହିଭଳି ବ୍ୟାଙ୍କଗୁଡ଼ିକ ପକ୍ଷରୁ ଏହିଭଳି ବୀମା ପ୍ରଦାନ ପାଇଁ ଚାହିଦା ବୃଦ୍ଧି ହୋଇଥିବା ବୀମା କମ୍ପାନୀଗୁଡ଼ିକ କହିଛନ୍ତି । ବ୍ୟାଙ୍କଗୁଡ଼ିକ ସହିତ ଏ ନେଇ ଆଲୋଚନା ଚାଲିଥିବା ବେଳେ ଆଗାମୀ ଦିନରେ କେତେକ ବ୍ୟାଙ୍କକୁ ସାଇବର ବୀମା ସୁବିଧା ଯୋଗାଇ ଦିଆଯିବ ବୋଲି ନିୟୁ ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଜି.ଶ୍ରୀନିବାସନ କହିଛନ୍ତି । ସାଇବର ଅପରାଧ ଦ୍ରୁତଗତିରେ ବଢି ଚାଲିଥିବାରୁ ସାଇବର ବୀମା ପାଇଁ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବା ଉଚିତ୍ ବୋଲି କର୍ତ୍ତୃପକ୍ଷମାନେ ଚିନ୍ତା କରୁଛନ୍ତି ।

# ନୂଆରୂପ ପାଇବ ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର



**ଭୁବନେଶ୍ୱର :** ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ରୂପ ବଦଳିବ। ସିଂହଦ୍ୱାର ସମ୍ମୁଖରେ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବ। ଏପରିକି ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ଢାଞ୍ଚାରେ ଏଠାରେ ପର୍ଯ୍ୟଟକମାନେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ଏନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ସେଠାରେ ଟୁରିଷ୍ଟ ସେଡ୍ ପ୍ରସ୍ତୁତ କରାଯିବ। ବିଭାଗ ପକ୍ଷରୁ ଜାଗା ଚିହ୍ନଟ କାର୍ଯ୍ୟ ଶେଷ ହେବା ସହିତ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବ। ଏନେଇ ଓଟିଡିସି ପକ୍ଷରୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଠାରୁ ଅନୁମତି ମଗାଯାଇଛି। ଅନୁମତି ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଓଟିଡିସି କହିଛି। ଆଉ ପୂର୍ବଭଳି ପର୍ଯ୍ୟଟକ ଠାକୁର ଦର୍ଶନ କରିବାକୁ ଆସି ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହେବାକୁ ପଡିବ ନାହିଁ। ପର୍ଯ୍ୟଟକମାନେ ଛାଇତଳେ ଶୀତଳ ପବନ ପାଇବା ସହିତ ବ୍ୟାରିକେଡ ଦେଇ ମନ୍ଦିର ଭିତରେ ପ୍ରବେଶ କରିବେ। ଏପରିକି ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ପୋଲିସ କର୍ମଚାରୀ ମୁତୟନ କରାଯିବା ସହିତ ସିସି କ୍ୟାମେରା ଲଗାଯିବ। ଏଣିକି ମନ୍ଦିର ଭିତରେ ପ୍ରବେଶ କରିବାକୁ ହେଲେ ଉକ୍ତ ଟୁରିଷ୍ଟ ସେଡ୍ ଦେଇ ଯିବାକୁ ହେବ। ସୂଚନାଯୋଗ୍ୟ କି, ପର୍ଯ୍ୟଟନ ବିଭାଗ ସିଂହଦ୍ୱାର ସମ୍ମୁଖରେ ପର୍ଯ୍ୟଟକଙ୍କ ରହଣି କାର୍ଯ୍ୟ ନିର୍ମାଣ ସାଙ୍ଗକୁ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସିଂହଦ୍ୱାରର ଦକ୍ଷିଣପାର୍ଶ୍ୱ ତଥା ମହାକାଳ ମହାକାଳୀ ମନ୍ଦିର ନିକଟରେ ଥିବା ଖାଲି ସ୍ଥାନରେ ଟୁରିଷ୍ଟ ସେଡ୍ ନିର୍ମାଣ ହେବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ଓଟିଡିସିର କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରେ ଗତ ୧୫ଦିନ ତଳୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି କରାଯାଇ ଟୁରିଷ୍ଟ ସେଡ୍ ନିର୍ମାଣ ଲାଗି ଅନୁମତି ମଗାଯାଇଛି।

# ଯାଞ୍ଚ ହେବ ୮୪ ହଜାର ଜନଧନ ଜମାଖାତା




**ଭୁବନେଶ୍ୱର :** ବିମୁଦ୍ରାୟନ ପରେ ରାଜ୍ୟର ଜନଧନ ଖାତାରେ ୭୫୦ କୋଟି ଟଙ୍କା ଜମାକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବିତର୍କ । ବିରୋଧୀ ବିଜେପି ଓ କଂଗ୍ରେସ ଏହି ଅନିୟମିତ ଜମା ପଛରେ ଶାସକ ଦଳର କିଛି ନେତା, ଚିଟ୍‌ଫଣ୍ଡ ଅଭିଯୁକ୍ତ ଓ ଖଣି ବେପାରୀଙ୍କ ହାତ ଥିବା ଅଭିଯୋଗ କରିଥିବାବେଳେ ଶାସକ ବିଜେଡ଼ି ଏହାର ପାଲଟା ଜବାବ ଦେଇଛି । ହେଲେ ଇତି ମଧ୍ୟରେ ଆୟକର ବିଭାଗ ବର୍ଷାଧିକ କାଳ ଖାଲି ପଡ଼ିଥିବା ଓ ଅପ୍ରତ୍ୟାଶିତ ଭାବରେ ଲକ୍ଷଲକ୍ଷ ଟଙ୍କା ଜମା ହୋଇଥିବା ପ୍ରାୟ ୮୪ ହଜାର ଜମାଖାତାକୁ ଯାଞ୍ଚ ପରିସରଭୁକ୍ତ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ବିନା ଜମାରେ ଜନଧନ ଜମାଖାତା ଖୋଲାଯିବା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ରାଜ୍ୟରେ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଜମାଖାତା ଖୋଲା ଯାଇଛି । ମାତ୍ର ଏହାମଧ୍ୟରୁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଜମାଖାତାରେ ବର୍ଷବର୍ଷ ଧରି କୌଣସି ଅର୍ଥ କାରବାର ନ ହୋଇ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି ରହିଥିଲା। କେବଳ ଜମା ଖାତା ସଂଖ୍ୟାର କଳେବର ବୃଦ୍ଧି ବ୍ୟତୀତ ଏହି ଜମାଖାତାଗୁଡ଼ିକ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇ ରହିଥିଲା। ମାତ୍ର ଗତ ନଭେମ୍ବର ୮ ତାରିଖରେ କେନ୍ଦ୍ର ସରକାରଙ୍କ ବିମୁଦ୍ରାୟନ ପରେ ଅକସ୍ମାତ ଏହି ଅର୍ଦ୍ଧମୃତ ଜମାଖାତାଗୁଡ଼ିକ ମଧ୍ୟରୁ ପ୍ରାୟ ୨ରୁ ୩ ଲକ୍ଷରେ କିଛି କିଛି ଅର୍ଥ ଜମା ହୋଇଛି । ମାତ୍ର ଏହାମଧ୍ୟରୁ ପ୍ରାୟ ୮୪ହଜାର ଜମାଖାତା ବିଶେଷ ପରିପୁଷ୍ଟ ହୋଇଥିବା ଆୟକର ବିଭାଗ ନିକଟରେ ସୂଚନା ପହଞ୍ଚିଛି । ତୁଳନାତ୍ମକ ଭାବରେ ଦକ୍ଷିଣ ବା ପଶ୍ଚିମ ଓଡ଼ିଶା ଅପେକ୍ଷା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ଜମାଖାତାଗୁଡ଼ିକରେ ବିଶେଷ ଜମା କରାଯାଇଥିବା ଜଣାପଡ଼ିଛି । ଏପରିକି କିଛି ଜମାଖାତାରେ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ୧୫ରୁ ୨୦ ଥର ଅଳ୍ପ ଅଳ୍ପ କରି ଟଙ୍କା ଜମା କରାଯାଇଛି । କଟକ, କେନ୍ଦୁଝର, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର ଓ ପୁରୀ ଜିଲାରେ କେତେକ ଅଞ୍ଚଳର ଜମାଖାତା ନମୁନା ସଂଗ୍ରହ ବେଳେ ଏହି ତଥ୍ୟ ମିଳିଛି । ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଅଧିକ ଅର୍ଥ ଜମା କରାଯାଇଥିବା ଜନଧନ ଖାତାଗୁଡ଼ିକ ସମ୍ପର୍କରେ ଯାଞ୍ଚ ଆରମ୍ଭ ହୋଇଛି । ଜମାକାରୀଙ୍କୁ ସେମାନଙ୍କର ଆୟର ସୂତ୍ର ସମ୍ପର୍କରେ ସୂଚନା ଦେବାକୁ ପ୍ରଥମେ ବିଭାଗ ପକ୍ଷରୁ ସୁଯୋଗ ଦିଆଯିବ । ଉତ୍ତର ସନ୍ତୋଷଜନକ ହେଲେ ଏଥିପାଇଁ କୌଣସି ତଣ୍ଡ ଗଣିବାକୁ ପଡ଼ିବ ନାହିଁ; ମାତ୍ର ଯେଉଁଠାରେ ସନ୍ତୋଷଜନକ ଉତ୍ତର ନ ମିଳିବ ବା ଅନ୍ୟର ଅର୍ଥକୁ ଜମା କରିଥିବା ପ୍ରମାଣ ମିଳିବ ସେଠାରେ ସମ୍ପୃକ୍ତ ଜମାକାରୀଙ୍କୁ ନିୟମ ଅନୁସାରେ ଆର୍ଥିକ ଦଣ୍ଡ ଦେବାକୁ ପଡ଼ିବ ବୋଲି ସୂଚନା ମିଳଛି ।

# ବିଏମ୍‌ସିକୁ ଘାରିଛି ରାଜସ୍ୱ ଚିନ୍ତା
## ଟ୍ରେଡ୍ ଲାଇସେନ୍ସ ନକଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ମାର୍ଚ୍ଚ ମାସ ପାଖେଇ ଆସୁଥିବା ପରିପ୍ରେକ୍ଷୀରେ ବିଏମ୍‌ସିକୁ ଏବେ ରାଜସ୍ୱ ଆଦାୟ ଚିନ୍ତା ଘାରିଛି। ବିଭିନ୍ନ ଉତ୍ସରୁ ବିଏମ୍‌ସି ରାଜସ୍ୱ ପାଉଥିବା ବେଳେ ଏଥିରେ ଟ୍ରେଡ୍ ଲାଇସେନ୍ସ ସଂଖ୍ୟା ନୈରାଶ୍ୟଜନକ ରହିଛି। ତେବେ ରାଜଧାନୀର ଅଧିକରୁ ଅଧିକସଂଖ୍ୟକ ବ୍ୟବସାୟ କିପରି ଟ୍ରେଡ୍ ଲାଇସେନ୍ସ ନେବେ ସେଥିଲାଗି ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଏହାପରେ ଯେଉଁ ବ୍ୟବସାୟୀ ଏଥିରେ ଖିଲାପ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଟ୍ରେଡ୍ ଲାଇସେନ୍ସ ସମ୍ପର୍କରେ ସମୀକ୍ଷା କରାଯାଇଛି। ଏଥିରେ ସମସ୍ତ ଜୋନାଲ ଡେପୁଟି କମିଶନର, ଟ୍ୟାକ୍ସ କଲେକ୍ଟର, ରାଜସ୍ୱ ସେଲ୍‌ର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରୁ ପ୍ରକାଶ ଯେ, ଭୁବନେଶ୍ୱରରେ ଏବେ ବି ବହୁ ସଂଖ୍ୟକ ବ୍ୟବସାୟୀ ଅଛନ୍ତି ଯେଉଁମାନେ ବର୍ଷ ବର୍ଷ ଧରି ବ୍ୟବସାୟ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟ୍ରେଡ୍ ଲାଇସେନ୍ସ କରି ନାହାନ୍ତି। ତେବେ ବିଏମ୍‌ସିର ରାଜସ୍ୱ ସେଲ୍ ପକ୍ଷରୁ ବାଣିଜ୍ୟ କର ବିଭାଗ ସୂତ୍ରରୁ କିଛି ବଡ ବ୍ୟବସାୟୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇଛି, ଯେଉଁମାନେ ଟ୍ରେଡ୍ ଲାଇସେନ୍ସ ଅନ୍ତର୍ଭୁକ୍ତ ହୋଇ ନାହାନ୍ତି। ତେଣୁ ନିକଟ ଭବିଷ୍ୟତରେ ବିଏମ୍‌ସି ପକ୍ଷରୁ ଭୁବନେଶ୍ୱରର ୧୨ଟି ସ୍ଥାନରେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯିବ। ତେବେ ଏହା ସତ୍ତ୍ୱେ ଯଦି ବ୍ୟବସାୟୀମାନେ ଲାଇସେନ୍ସ ନକରିବେ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ରୋଗ ନିରୂପଣ କେନ୍ଦ୍ର

**ଭୁବନେଶ୍ୱର :** ରାଜ୍ୟରେ ଜାତୀୟ ରୋଗ ନିରୂପଣ କେନ୍ଦ୍ରର ଏକ ଶାଖା ପ୍ରତିଷ୍ଠା ହେବ। ନୂଆଦିଲ୍ଲୀସ୍ଥିତ ଜାତୀୟ ରୋଗ ନିରୂପଣ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଏସ୍.କେ.ଜୈନ ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ସହ ଆଲୋଚନା କରିଛନ୍ତି। ସଂପ୍ରତି ଦେଖା ଦେଉଥିବା ସଂକ୍ରାମକ ଓ ଅଣ-ସଂକ୍ରାମକ ରୋଗ ନିୟନ୍ତ୍ରଣ ନିମନ୍ତେ ଏହି କେନ୍ଦ୍ରର ଆବଶ୍ୟକତା ରହିଛି। ବିଭିନ୍ନ ସମୟରେ ଦେଖାଦେଉଥିବା ରୋଗ ସମେତ ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟର ପରବର୍ତ୍ତୀ ସମୟରେ ହେଉଥିବା ରୋଗ ଚିହ୍ନଟ ଓ ଏ ସବୁର ନିୟନ୍ତ୍ରଣ ନିମନ୍ତେ କେନ୍ଦ୍ରର ସହାୟତା ଏବଂ ପରାମର୍ଶ ଆବଶ୍ୟକ ପଡିଥାଏ।

# ନିର୍ବାଚନ ପରବର୍ତ୍ତୀ ହିଂସା ବଢ଼ୁଛି

**ଭୁବନେଶ୍ୱର :** ୩ୟ ପର୍ଯ୍ୟାୟ ନିର୍ବାଚନ ପରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ବିଭିନ୍ନ ପ୍ରକାର ଧମକ ଚମକ ଦିଆଯାଉଛି। ଜଗତସିଂହପୁର ଜିଲ୍ଲାର ପିତେଇପୁରଠାରେ କନକଦୁର୍ଗା ନିକଟରେ ଜଣେ ଯୁବକକୁ ଆକ୍ରମଣ କରାଯାଇଛି। ତା'ର ପାଟିରେ ବନ୍ଧୁକ ପୁରାଇ ଧମକ ଦିଆଯାଇଛି। ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ଏହି ଧମକ ଦିଆଯାଇଥିବା ନେଇ ଜଗତସିଂହପୁର ଥାନାରେ ଏତଲା ଦିଆଯାଇଛି। ଏହା ବ୍ୟତୀତ ସମ୍ପୃକ୍ତ ଯୁବକଙ୍କୁ ହସ୍ପିଟାଲରେ ମଧ୍ୟ ଭର୍ତ୍ତି କରାଯାଇଛି। ସେହିପରି ଚାନ୍ଦବାଲିରେ ତେନ୍ତୁଳିଡିହାଠାରେ ରାଜନୈତିକ ସଂଘର୍ଷ ଘଟି ୪ଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଏହା ବ୍ୟତୀତ ବସ୍ତା ବ୍ଲକର ସାହାଡା ପଞ୍ଚାୟତରେ ବିଜୟୀ ପ୍ରାର୍ଥୀ ପରାଜିତ ପ୍ରାର୍ଥୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପହଣା ଛକରେ ରାସ୍ତାରୋକ କରାଯାଇଥିଲା। ଯମୁନା ପଞ୍ଚାୟତର ସରପଞ୍ଚ ପଦ୍ମଚରଣ ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଓଏଏସ୍-୨୦୧୫ ଫଳ ପ୍ରକାଶିତ
# ସୌରଭ ଦାସ ଟପ୍ପର



**କଟକ :** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ରାଜ୍ୟ ପ୍ରଶାସନିକ ସେବା (ଓଏଏସ୍)-୨୦୧୫ ଚୂଡାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ମୋଟ ୬୭୦ ଜଣ କୃତକାର୍ଯ୍ୟ ହୋଇ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ମୟୂରଭଞ୍ଜ ବେତନଟୀ ଅଞ୍ଚଳର ସୌରଭ ଦାସ ଏହି ପରୀକ୍ଷାରେ ଟପ୍ପର ହୋଇଥିବାବେଳେ ସୁଧୀର କୁମାର ନାୟକ ଦ୍ୱିତୀୟ ଏବଂ ପଲ୍ଲବୀ ସ୍ୱାଇଁ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରକାଶିତ ପରୀକ୍ଷାଫଳ ଅନୁଯାୟୀ ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ସର୍ଭିସ୍ (ଓପିଏସ୍) ପାଇଁ ୨୪ଜଣ, ଓଡ଼ିଶା କୋଅପରେଟିଭ୍ ସର୍ଭିସ୍ ପାଇଁ ୯ ଜଣ, ଓଡ଼ିଶା ରେଭିନ୍ୟୁ ସର୍ଭିସ୍ ପାଇଁ ୪୦୦ଜଣ, ଓଡ଼ିଶା ଟ୍ୟାକ୍ସେସନ୍ ଆକାଉଣ୍ଟ ସର୍ଭିସ୍ ପାଇଁ ୧୬୮ ଜଣ ମନୋନୀତ ହୋଇଛନ୍ତି। ଓପିସଏସ୍‌ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟ ଲିଖିତ ପରୀକ୍ଷାରୁ ମୋଟ ୧୩୪୧ ଜଣଙ୍କୁ ଚୟନ କରାଯାଇ ସାକ୍ଷାତକାର ପରୀକ୍ଷା ପାଇଁ ମନୋନୀତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୩୦୬ଜଣ ସାକ୍ଷାତକାର ପରୀକ୍ଷା ଦେଇଥିବା ବେଳେ ୬୭୦ଜଣ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି।

# ଲାଞ୍ଚ ନେଇ ଜେଲ୍ ଗଲେ ଆଇଏଏସ୍



**କଟକ/ଭୁବନେଶ୍ୱର :** ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି)ର ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଆଇଏଏସ୍ ଅଫିସର ପାର୍ଥସାରଥି ମିଶ୍ର ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଛନ୍ତି। ନିଜେ ବିଳାସମୟ ଜୀବନଯାପନ ପାଇଁ ଏଭଳି ଅର୍ଥ ସଂଗ୍ରହ ନିଶାରେ ପାର୍ଥସାରଥି ଥିଲେ ବୋଲି ଜଣାପଡିଛି। ଘଟଣା ଦିନ ଅଫିସରୁ ବାସଭବନକୁ ଫେରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ କର୍‌କୁ ଅଟକାଇ ଯାଞ୍ଚ କରିବା ବେଳେ ଶ୍ରୀ ମିଶ୍ରଙ୍କ ନିକଟରୁ ୨ ଲକ୍ଷ ୧୪ ହଜାର ୭୫୦ ଟଙ୍କା ମିଳିଥିଲା ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଏହି ଘଟଣା ପରେ ଶ୍ରୀ ମିଶ୍ରଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ନିର୍ଦ୍ଦେଶକ ଡାକ୍ତର ଶର୍ମାଙ୍କ କହିବା ଅନୁସାରେ ଭିଜିଲାନ୍ସ ବିଭାଗ ନିକଟରେ ପୂର୍ବରୁ ଶ୍ରୀ ମିଶ୍ରଙ୍କ ବିରୋଧରେ ଅଭିଯୋଗ ହୋଇଆସୁଥିଲା। ପ୍ରତ୍ୟେକ ଜିଲ୍ଲାପାଳଙ୍କ ଅଧିନରେ ଚାଲୁଥିବା ବିଭିନ୍ନ କ୍ଷୁଦ୍ର ଶିଳ୍ପ ପ୍ରକଳ୍ପଗୁଡିକର ବିଲ୍ ପୈଠ ଓ ଓଏସ୍‌ଆଇସି କାର୍ଯ୍ୟାଳୟରେ କରାଯାଇଥାଏ। କମିଶନ ବାବଦରେ ଅର୍ଥ ନେବା ପରେ ଏମ୍‌ଡି ଶ୍ରୀ ମିଶ୍ର ବିଲ୍ ପୈଠ କରିଥାନ୍ତି। ଏନେଇ ଗୁଇନ୍ଦା ବିଭାଗ ସୂଚନା ସଂଗ୍ରହ କରିବା ଲାଗି ଭିଜିଲାନ୍ସ ସେଲର ଅଧିକାରୀମାନେ ବୁଧବାର ଓଏସ୍‌ଆଇସି କାର୍ଯ୍ୟାଳୟରେ ରହିଥିଲେ। ବୁଧବାର ୫ଟି ବିଲ୍ ପୈଠ ହୋଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିବା ବେଳେ ଶ୍ରୀ ମିଶ୍ରଙ୍କ ନିକଟରୁ ୫ଟି ପ୍ୟାକେଟ୍ ଜବତ କରିଥିଲେ। ସେସବୁ ପ୍ୟାକେଟ୍‌ରୁ ଜବତ ୨,୧୪,୭୫୦ ଟଙ୍କା ମିଳିଥିବା ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି। ଏହି ବିପୁଳ ଅର୍ଥ ସେ କେଉଁଠୁ ଆଣିଲେ, ସେ ସଂକ୍ରାନ୍ତରେ ଶ୍ରୀ ମିଶ୍ର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ତାଙ୍କଠାରୁ ଏହି ବିପୁଳ ଅର୍ଥ ଜବତ ହେବା ପରେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ମିଶ୍ରଙ୍କ ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ସରକାରୀ ବାସଭବନ, ବଜ୍ରକବାଟି ରୋଡସ୍ଥିତ ତାଙ୍କ ନିଜ ବାସଭବନ ସହିତ ଖପୁରିଆସ୍ଥିତ ଓଏସଆଇସି କାର୍ଯ୍ୟାଳୟରେ ଭିଜିଲାନ୍ସ ସେଲ୍ ପକ୍ଷରୁ ଅତର୍କିତଭାବେ ଚଢ଼ଉ କରାଯାଇଥିଲା। ଶ୍ରୀ ମିଶ୍ରଙ୍କ ବିରୋଧରେ ଏକ ଆୟ ବର୍ହିଭୂତ ସମ୍ପତ୍ତି ମାମଲା ରୁଜୁ କରାଯାଇଛି। ଭୁବନେଶ୍ୱର କ୍ୱାର୍ଟର୍ସରେ ଶ୍ରୀ ମିଶ୍ର ପ୍ରାୟ ରୁହନ୍ତି ନାହିଁ। ତେଣୁ ଶ୍ରୀ ମିଶ୍ରଙ୍କ କଟକ ବାସଭବନରୁ ଆୟବର୍ହିଭୂତ ସମ୍ପତ୍ତି ମିଳିଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ
# ୫୮, ୬୩୫ ମାମଲାର ଫୈସଲା

**କଟକ:** ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଲିଗାଲ୍ ସର୍ଭିସେସ୍ ଅଥରିଟିଙ୍କ ନିର୍ଦ୍ଦେଶରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋସ ବୁଝାମଣା ଜରିଆରେ ସାରା ରାଜ୍ୟରେ ୫୮,୬୩୫ଟି ମାମଲାର ଫୈସଲା ହୋଇଛି। କ୍ଷତିପୂରଣ ବାବଦରେ ୭୭ କୋଟି ୪୭ ଲକ୍ଷ ୫୮ ହଜାର ୩୮୪ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଲୋକ ଅଦାଲତରେ ଉଭୟ ବିଚାରାଧୀନ ଓ ପ୍ରାକ୍-ମୋକଦ୍ଦମାସ୍ତରୀୟ ସମାଧାନଯୋଗ୍ୟ ମାମଲାର ସମାଧାନ କରାଯାଇଛି। ଫୌଜଦାରୀ, ଦେୱାନୀ, ଚେକ୍ ବାଉନ୍ସ ମାମଲା, ମଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ମାମଲା, ପାରିବାରିକ ଓ ବୈବାହିକ ମାମଲା, ରାଜସ୍ୱ ମାମଲା, ଶ୍ରମିକ ସମ୍ପର୍କିତ ମାମଲା, ଚାକିରି ଓ ବକେୟା ପ୍ରାପ୍ୟ ସଂକ୍ରାନ୍ତୀୟ ମାମଲା, ବିଦ୍ୟୁତ ଓ ଜଳ ଯୋଗାଣ ସମ୍ପର୍କିତ ବିବାଦ, ଜମି ଅଧିଗ୍ରହଣ ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୁଣାଣି କରାଯାଇ ଆପୋସ ସହମତି ଆଧାରରେ ଫୈସଲା କରାଯାଇଛି। ପ୍ରାକ୍ ମୋକଦ୍ଦମାସ୍ତରୀୟ ୭୪,୭୨୯ଟି ମାମଲାରୁ ୭,୬୯୨ଟିର ଫୈସଲା କରାଯାଇଥିଲା। ସେହିଭଳି ୧,୩୭,୮୩୧ଟି ବିଚାରାଧୀନ ମାମଲା ମଧ୍ୟରୁ ୫୦,୯୪୩ଟିର ଆପୋସ ବୁଝାମଣାରେ ଫୈସଲା କରାଯାଇଛି ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ବାଳକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ହାଇକୋର୍ଟ ସମେତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଥିବା ଜିଲ୍ଲାସ୍ତରୀୟ ଓ ତାଲୁକା ସ୍ତରୀୟ ବିଚାରବିଭାଗୀୟ ଅଦାଲତ ପରିସରରେ ଗତ ଫେବ୍ରୁଆରି ୧୧ ତାରିଖରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣର ଉପସଚିବ ଦୀପକ ରଞ୍ଜନ ସାହୁ, ଅନୁସଚିବ ଶଙ୍ଖ ଚକ୍ରବର୍ତ୍ତୀ ଓ ଅଧୀକ୍ଷକ କମଳାକାନ୍ତ କର ପ୍ରମୁଖ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନରେ ସହଯୋଗ କରିଥିଲେ।

# ମୁଖ୍ୟାଳୟରେ ରହିବେ ସବୁ ଅଧିକାରୀ



## ମୁଖ୍ୟ ସଚିବଙ୍କ ଚିଠି

**ଭୁବନେଶ୍ୱର :** ବିଧାନସଭା ଚାଲିଥିବା ସମୟରେ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ଓଡ଼ିଶା ସରକାରଙ୍କ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବମାନଙ୍କୁ ଚିଠି ଲେଖିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ପଞ୍ଚଦଶ ଓଡ଼ିଶା ବିଧାନସଭାର ନବମ ଅଧିବେଶନ ଆସନ୍ତା ଫେବୃଆରୀ ୨୨ରୁ ଆରମ୍ଭ ହେଉଥିବାରୁ ଏହି ସମୟରେ ବିଧାନସଭା ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ଗମ୍ଭୀରତାର ସହ ଯଥାଶୀଘ୍ର କରାଯିବା ଆବଶ୍ୟକ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ବିଧାନସଭା ପ୍ରଶ୍ନ ସମୂହ ତଥା ବୈଧାନିକ ପ୍ରକ୍ରିୟାରେ ବିଧାନସଭାରେ ଉତ୍‌ଥାପନ ହେଉଥିବା ଅନ୍ୟ ପ୍ରସଙ୍ଗର ସମସ୍ତ ଉତ୍ତର ଓ ତଥ୍ୟ ଯେପରି ଠିକ ସମୟରେ ଦିଆଯାଏ ସେଥିପାଇଁ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବାକୁ ସେ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀ ପାଢ଼ୀ କହିଛନ୍ତି ଯେ ବିଭାଗୀୟ ଅଧିକାରୀମାନେ ବିଧାନସଭା ଅଧିବେଶନ ସମୟରେ ସହର ମହକୁମାରେ ଉପସ୍ଥିତ ରହିବା ବାଞ୍ଛନୀୟ। ଏହି ସମୟରେ ବିଭାଗୀୟ ସଚିବମାନେ ବିଦେଶ ଯାତ୍ରାରୁ ନିବୃତ ରହିବା ସହ ରାଜ୍ୟ ବାହାରକୁ ଗସ୍ତ ଯଥାସମ୍ଭବ ସୀମିତ କରିବା ଆବଶ୍ୟକ। ପୂର୍ବରୁ ଯେକୌଣସି ଗସ୍ତ କାର୍ଯ୍ୟକ୍ରମ ସ୍ଥିର କରିଥିଲେ ଏହାକୁ ଘୁଞ୍ଚାଇଦେବେ। ଅଧିକନ୍ତୁ ବିଧାନସଭା ପ୍ରଶ୍ନ ମୁଲତବି ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ପ୍ରଭୃତିର ଉତ୍ତର ପାଇଁ ଆବଶ୍ୟକ ତଥ୍ୟ କ୍ଷେତ୍ର କର୍ମଚାରୀମାନେ ଯୋଗାଉଥିବାରୁ ସେମାନେ ସେମାନଙ୍କ ସଦର ମହକୁମାରେ ଉପସ୍ଥିତ ରହିବା ନିହାତି ବାଞ୍ଛନୀୟ। ସେଥିପାଇଁ ବିଧାନସଭା ଅଧିବେଶନ କାଳରେ ବିଭାଗୀୟ ସଦର ମହକୁମା କିମ୍ବା ସଚିବାଳୟ ସ୍ତରରେ ସେମାନଙ୍କର ସଭା ଡ଼କାଇବା ଅନୁଚିତ। ସଭା ପରିବର୍ତ୍ତେ ଭିଡ଼ିଓକନଫରେନ୍ସ ବ୍ୟବସ୍ଥାର ବହୁଳ ଉପଯୋଗ କରାଯାଇପାରେ। ଏହି ସମୟରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଯେପରି ସଦର ମହକୁମାରେ ଉପସ୍ଥିତ ରହିବେ ତାହା ସୁନିଶ୍ଚିତ କରିବେ। ବିଧାନସଭାର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ୟାଲେରୀରେ ଯୋଗ୍ୟ ଅଧିକାରୀଙ୍କ ଉପସ୍ଥିତିର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ କରିବାକୁ ହେବ। ବିଧାନସଭା ସଂକ୍ରାନ୍ତ ବିଷୟ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ସଚିବମାନେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ବିଧାୟକମାନେ ଅଧକ୍ଷ ବା ସଭ୍ୟ ଥିବା କମିଟି ବା ବୋର୍ଡ଼ ପ୍ରଭୃତିର ସଭା ଏହି ସମୟ ମଧ୍ୟରେ ଆହୁତ ନକରିବାକୁ ଅଧସ୍ତନ ଅଧିକାରୀଙ୍କୁ ଯଥାଯୋଗ୍ୟ ନିର୍ଦ୍ଦେଶ ଦେବାକୁ ସେ କହିଛନ୍ତି। ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିର ପାଳନ ଆସନ୍ତା ୨୧ ତାରିଖ ସୁଦ୍ଧା ଦିଆଯିବାକୁ ସୁନିଶ୍ଚିତ କରିବା ସହିତ ଅଧିବେଶନ କାଳରେ ପ୍ରକାଶିତ ପ୍ରମୁଖ ସମ୍ବାଦଗୁଡ଼ିକ ଅନୁଧ୍ୟାନ କରି ସଠିକ ସ୍ଥିତାବସ୍ଥାର ବିବରଣୀ ପ୍ରଦାନ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଛନ୍ତି।

# ବେଳାଭୂମିରେ ୪୦ ଫୁଟ ଲମ୍ବ ମୃତ ତିମି



**ପୁରୀ :** ପୁରୀ-କୋଣାର୍କ ବେଳାଭୂମିରୁ ଗୁରୁବାର ୪୦ଫୁଟ ଲମ୍ବର ମୃତ ତିମି ଜବତ କରାଯାଇଛି। ତାହାର ମୋଟେଇ ୧୮ ଫୁଟ ଏବଂ ଓଜନ ପ୍ରାୟ ୪୦ ଟନ ହେବ। ପୁରୀଠାରୁ ୮କିମି ଦୂର ସୈକତ ନିବାସ ନିକଟ ବେଳାଭୂମିରେ ବିରାଟକାୟ ତିମିମାଛ ମରିପଡିଥିବା ଦେଖି ସ୍ଥାନୀୟ ଲୋକେ ବନ ଅଧିକାରୀଙ୍କୁ ଖବର ଦେଇଥିଲେ। ଜେସିବି ମାଧ୍ୟମରେ ତାହାକୁ କୂଳକୁ ଅଣାଯାଇ ପୋତା ଯାଇଛି। ତିମି ପାଚି ଯାଇଥିବାରୁ ତାହାର ଶବ ବ୍ୟବଚ୍ଛେଦ କରାଯାଇପାରିନାହିଁ। ମୃତ ତିମି ବାଲିନହ୍ୱିଲ ପ୍ରଜାତିର ବୋଲି ବନଖଣ୍ଡ ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଜଣାପଡିନାହିଁ। ଗତବର୍ଷ ଫେବୃଆରୀ ୧୬ରେ ମଙ୍ଗଳାନଦୀ ମୁହାଣ ନିକଟରୁ ଏକ ମଲା ତିମି ମିଳିଥିଲା। ଏହାଛଡା ବାଲିହରିଚଣ୍ଡୀ ଏବଂ ଅରଖକୁଦା ନିକଟ ବେଳାଭୂମିରୁ ଦୁଇଟି ମଲା ତିମି ଶବ ଜବତ ହୋଇଥିଲା। ୨ ବର୍ଷ ପୂର୍ବେ ଅସ୍ତରଙ୍ଗ ବେଳାଭୂମିରେ କ୍ଷତବିକ୍ଷତ ମଲାତିମି ଲାଗିବା ଘଟଣା ପ୍ରକୃତିପ୍ରେମୀଙ୍କୁ ବିଚଳିତ କରିଥିଲା। ସମୁଦ୍ରର ନିଷିଦ୍ଧାଞ୍ଚଳରେ ବେଆଇନଭାବେ ଚଳପ୍ରଚଳ କରୁଥିବା ଆନ୍ଧ୍ର ଟ୍ରଲର ମାଡରେ ତିମିଙ୍କ ମୃତ୍ୟୁ ହେଉଥିବା ସନ୍ଦେହ କରାଯାଉଛି।

# ଘାରିଲା ଆଳୁ ଚିନ୍ତା



**ଭୁବନେଶ୍ୱର :** ଚଳିତବର୍ଷ ଆଳୁ ଉତ୍ପାଦନ ଗତବର୍ଷ ତୁଳନାରେ ଅଧିକ ହେବ। ପଡ଼ୋଶୀ ରାଜ୍ୟରେ ଉତ୍ପାଦନ ବୃଦ୍ଧି ପାଇଥିବାବେଳେ ଓଡ଼ିଶାରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଇଥିବା ପ୍ରୋତ୍ସାହନମୂଳକ ପଦକ୍ଷେପ ଜରିଆରେ ଉତ୍ପାଦନ ପ୍ରାୟ ୧୦ ହଜାର ଟନ୍ ବୃଦ୍ଧି ପାଇବ ବୋଲି ଉଦାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଆକଳନ କରାଯାଇଛି। ତେବେ ବଜାରରେ ଆଳୁ ଦର ଏବେ କମିଥିବାବେଳେ ପଶ୍ଚିମବଙ୍ଗର ହୁଗୁଳିସ୍ଥିତ ମଣ୍ଡିରେ ଆଳୁ କୁଇଣ୍ଟାଲ ପିଛା ଦାମ୍ ୨୪୦ରୁ ୨୬୦ଟଙ୍କା ରହିଛି। ଉତ୍ପାଦନ ସମୟରେ ଆଳୁ ଦର କମ ଥିବାରୁ ଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଆଳୁର ଉଚିତ ମୂଲ୍ୟ ପାଇବାରେ ବିଫଳ ହେବାର ଆଶଙ୍କା ରହିଛି। ଏ ଦିଗରେ କେନ୍ଦ୍ର ସରକାରଙ୍କ ସହାୟତା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ କୃଷି ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଚାଷୀ କ୍ଷତି ସହିବାର ସମ୍ଭାବନା ରହିଛି। ଆବଶ୍ୟକ ସଂଖ୍ୟାରେ ଶୀତଳଭଣ୍ଡାର ନଥିବାରୁ ଉତ୍ପାଦିତ ଆଳୁ ସଂରକ୍ଷଣ ନିମନ୍ତେ ଚାଷୀମାନେ ହଟହଟା ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଆଳୁ ଚାଷ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ୨୦୧୬-୧୭ରେ ରାଜ୍ୟରେ ୧୫୫୭.୫୦ ହେକ୍ଟର ଜମିରେ ଆଳୁ ଚାଷ ହୋଇଥିଲା। ଏଥିପାଇଁ ୨୩,୩୬୧ କୁଇଣ୍ଟାଲ ଆଳୁ ବିହନ କୃଷକମାନଙ୍କୁ ଯୋଗାଇଦିଆଯାଇଛି। ଏହାବ୍ୟତୀତ ଅଧିକ ୨୩୬୨୭ ହେକ୍ଟର ଜମିକୁ ଆଳୁ ଚାଷ ଅଞ୍ଚଳ ପରିସରଭୁକ୍ତ କରାଯାଇଛି। ପୂର୍ବ ବର୍ଷର ହିସାବ ଆଧାରରେ ହେକ୍ଟର ପିଛା ୧୨ ଟନ୍ ଆଳୁ ଉତ୍ପାଦନକୁ ବିଚାରକୁ ନିଆଯାଏ ତେବେ ଚଳିତବର୍ଷ ପ୍ରାୟ ୩.୦୨ଲକ୍ଷ ଟନ୍ ଉତ୍ପାଦନ ହେବାର ଆଶା ରହିଛି। କ୍ଷେତ୍ର ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ସରକାରୀ ସଂସ୍ଥା ଦ୍ୱାରା ସଂଗ୍ରହ ପାଇଁ ବଜାରରେ ୯୫୮୭ ଟନ୍ ଉପଲବ୍ଧ ହେବ। ଅନ୍ୟ ରାଜ୍ୟଗୁଡ଼ିକରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ ଗତବର୍ଷ ତୁଳନାରେ ଏ ବର୍ଷ ଆଳୁ ଉତ୍ପାଦନ ଅଧିକ ହୋଇଛି। ବିହାରରେ ଗତବର୍ଷ ୬୩୪୫୫୧୬ ଟନ ଉତ୍ପାଦନ ହୋଇଥିବାବେଳେ ଚଳିତବର୍ଷ ୬୩୪୫୫୧୬ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ଗତବର୍ଷ ୨୬୧୫୫୦୯ ଉତ୍ପାଦନ ହୋଇଥିବାବେଳେ ଚଳିତବର୍ଷ ୨୯୦୫୮୦୦ ଟନ୍ ଉତ୍ପାଦନ ବଢ଼ିବ। ଅନୁରୂପ ଭାବେ ଓଡ଼ିଶାରେ ଗତବର୍ଷ ୨୭୮୭୪୭ ଟନ ଉତ୍ପାଦିତ ହୋଇଥିବାବେଳେ ଚଳିତବର୍ଷ ୩୦୨୨୨୦ଟନ୍ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଅନ୍ୟ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶରେ ୧୪୦୦୭୧୮୦ ଏବଂ ପଶ୍ଚିମବଙ୍ଗରେ ୧୩୮୨୭୦୦୦ ଟନ୍ ଆଳୁ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ପଶ୍ଚିମବଙ୍ଗ ତଥା ହୁଗୁଳିର ଆଳୁ ବ୍ୟବସାୟୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ମଣ୍ଡିରେ ଆଳୁ କୁଇଣ୍ଟାଲ ପିଛା ଏବେ ୨୪୦ରୁ ୨୬୦ଟଙ୍କା ରହିଛି। ଯଦି ଏହି ଧାରା ଜାରି ରୁହେ ଚାଷୀମାନେ ଅଭାବି ବିକ୍ରିର ସମ୍ମୁଖୀନ ହେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ଚାଷୀମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଭାରତ ସରକାର ସହାୟତା ଯୋଗାଇଦେବାକୁ ରାଜ୍ୟ ଦାବି କରିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କୃଷକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ପଦକ୍ଷେପ ଗ୍ରହର କରିବାର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଉଦ୍ୟାନକୃଷି ନିର୍ଦ୍ଦେଶକ କୃଷି ବିଭାଗ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି।

## ସମ୍ପାଦକୀୟ

# ଅଣଦେଖା କଲେ ବିପଦ

ସାରା ବିଶ୍ୱରେ ପରିବେଶ ନଷ୍ଟ ଓ ପ୍ରଦୂଷଣର କୁପ୍ରଭାବ ବଢ଼ି ଚାଲିଥିବା ବେଳେ ଆମ ଦେଶରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗୀନ ହୋଇପଡିଛି । ଭାରତରେ ପ୍ରତିବର୍ଷ ୧.୧ ନିୟୁତ ଲୋକ ଏହି ପ୍ରଦୂଷଣ ଯୋଗୁଁ ମୃତ୍ୟୁବରଣ କରିଥିବା ଜଣାପଡିଛି । ପାର୍ଟିକୁଲେଟ୍ ମେଟର ବଢୁଥିବାରୁ ପ୍ରାଣଘାତକ ସମସ୍ୟା ଦେଖାଦେଇଛି । ୧୦.୯୦ ହଜାର ଲୋକ ସମୟ ପୂର୍ବରୁ ଏଠାରେ ମରୁଥିବା ତଥ୍ୟ ପ୍ରକାଶ ପାଇଛି । ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ଦେଶ ଭାବେ ଭାରତ ସ୍ଥାନ ପାଇଛି । ବିଗତ ୧୯୯୦ ମସିହାରୁ ଏହା ୪୮% ହାରରେ ବୃଦ୍ଧି ପାଇଛି । ଆମେରିକା ଭିତ୍ତିକ ହେଲ୍‌ଥ ଇଫେକ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ନିକଟରେ ହୋଇଥିବା ଏକ ସର୍ଭେକ୍ଷଣରୁ ଏହା ସାମ୍ନାକୁ ଆସିଛି । ଏଭଳି ତଥ୍ୟ ଗ୍ଲୋବାଲ ବର୍ଡନ ଅଫ୍ ଡିଜିଜ୍ (ଜିବିଡି) ୨୦୧୭ ରିପୋର୍ଟରେ ଏହା ସ୍ଥାନିତ ହୋଇଛି । ବାୟୁ ମଣ୍ଡଳରେ କ୍ଷୁଦ୍ର ଧୂଳିକଣାର ମାତ୍ରା ବଢ଼ିଯିବାରୁ ଭାରତ ପାଇଁ ପ୍ରଦୂଷଣ ଚିନ୍ତାର କାରଣ ପାଲଟିଥିବା ବେଳେ ଆମ ରାଜ୍ୟରେ ଏହାର ପ୍ରଭାବ ଧିରେ ଧିରେ ଅନୁଭୂତ ହେଲାଣି । ୧୯୫ ଦେଶରେ ଅନୁଧ୍ୟାନ କରାଯାଇ ଜିବିଡି ଏହା ପ୍ରକାଶ କରିଛି । ପଡୋଶୀ ଚାଇନାରେ ୧୭.୨୨% ରହିଥିବା ବେଳେ ଭାରତ ବାୟୁ ପ୍ରଦୂଷଣ ଜନିତ ସମସ୍ୟାରେ ଘାଣ୍ଟି ହେଉଛି । ଗତବର୍ଷ ଦିଲ୍ଲୀ ସହରରେ ଏମିତି ହୋଇଥିଲା ଯେ, ଦିନ ବେଳେ ମଧ୍ୟ ଆକାଶ ମେଘାଛନ୍ନ ଭଳି ଦିଶୁଥିଲା । ଯେଉଁଥିପାଇଁ କେଜରିୱାଲ ସରକାର ଦିଲ୍ଲୀରେ ଗାଡି ଚଳାଚଳ ଉପରେ କଟକଣା ଲଗାଇବାକୁ ବାଧ୍ୟ ହୋଇଥିଲେ । ଫଳରେ ସେଠାରେ ଯୁଗ୍ମ-ଅଯୁଗ୍ମ ପଦ୍ଧତିରେ ଚାରିଚକିଆ ଯାନ ଚଳପ୍ରଚଳ ଆରମ୍ଭ ହୋଇଥିଲା ।

ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ବାୟୁ ପ୍ରଦୂଷଣର ମାତ୍ରା ଢେର ବଢ଼ିଯାଇଥିବା ସୂଚନା ମିଳିଛି । ବିଶେଷକରି ଶିଳ୍ପ ବହୁଳ ସହର ଅନୁଗୁଳ, ତାଳଚେର ଓ ଝାରସୁଗୁଡାରେ ଏହାର ମାତ୍ରା ଅଧିକ ବଢ଼ିଥିବା ଜଣାପଡିଛି । ଦ୍ରୁତ ଶିଳ୍ପାୟନ ଓ ଅଧିକ ମାତ୍ରାରେ ଜଙ୍ଗଲ କ୍ଷୟ ହୋଇ ବୃକ୍ଷହୀନତା ହିଁ ଏହାର ପ୍ରମୁଖ କାରଣ ପାଲଟିଛି । ପରିବେଶରେ ସନ୍ତୁଳନ ନ ରହିବା ଯୋଗୁଁ ପାଣିପାଗରେ ଘୋର ବିଭ୍ରାଟ ଦେଖାଯିବା ସହ ଷଡଋତୁକୁ ଠିକ୍ ଭାବେ ଅନୁଭବ କରିହେଉନାହିଁ । ଏଥିସହ ଆଧୁନିକ ଜୀବନ ଶୈଳୀରେ ବ୍ୟବହାର ହେଉଥିବା ମାତ୍ରାଧିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଓ ଫ୍ରିଜ୍‌ର ବ୍ୟବହାର ଏହାର ଅନ୍ୟତମ କାରଣ । ଏଥିରୁ ନିର୍ଗତ ହେଉଥିବା ବିଷାକ୍ତ ଗ୍ୟାସ୍ ଫଳରେ ବାୟୁମଣ୍ଡଳରେ ଓଜନ ସ୍ତର ହ୍ରାସ ପାଉଛି । ସେହିଭଳି ଶିଳ୍ପରୁ ନିର୍ଗତ ଧୂଆଁ ଏବଂ ବିଷାକ୍ତ ବାଷ୍ପ ନିର୍ଗତ ଫଳରେ ପ୍ରଦୂଷଣ ବଢ଼ିଚାଲିଛି । ସବୁଜିମା ଲୋପ ପାଇବା ଫଳରେ ଧୂଳିଧୂଆଁର ବିସ୍ତାର ଘଟି ସମଗ୍ର ଅଞ୍ଚଳକୁ ଧୂଆଁଳିଆ କରିଦେବା ସହ ଏହାର କୁପ୍ରଭାବ ସାଧାରଣ ଲୋକଙ୍କ ଉପରେ ପକାଉଛି । ଯେଉଁଥିପାଇଁ ବାୟୁଜନିତ ରୋଗର ମାତ୍ରା ମଧ୍ୟ ବଢ଼ିଥିବା ଜଣାପଡିଛି । ଏବେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଓ ଗରମ ପାଗ ଯୋଗୁଁ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇ ଗ୍ରୀଷ୍ମ ଋତୁ ଭଳି ଅନୁଭୂତ ହେବାର ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ । ସୂଚନା ଅନୁସାରେ ଆଗକୁ ଦିନର ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ରହିବ । ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ତେବେ ଗ୍ରୀଷ୍ମର ଆଗମନ ପୂର୍ବରୁ ବସନ୍ତରେ ଖରାର ପ୍ରଭାବ ଯେ କେତେ କଷ୍ଟକର ତାହା ନକହିବା ଭଲ । ପ୍ରଦୂଷଣ ଯୋଗୁଁ ଏଭଳି ସମସ୍ୟା ଉପୁଜୁଥିବା କୁହାଯାଉଛି । ଏଭଳି ପରିସ୍ଥିତିରେ ବିଭିନ୍ନ ସ୍ତରରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆ ନଗଲେ ଆଗକୁ ସ୍ଥିତି ସଙ୍ଗୀନ ହେବାର ଆଶଙ୍କା ଦେଖାଦେଇଛି । ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ଓ ଶିଳ୍ପ ନିର୍ଗତ ବିଷ ଗ୍ୟାସ୍ ରୋକାଯିବା ଦିଗରେ ତୁରନ୍ତ ପଦକ୍ଷେପ ଜରୁରୀ ହୋଇପଡିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କୁଢ଼କୁଢ଼ ଆବର୍ଜନାର ସୁପରିଚାଳନା ନହେବା ଯାଏଁ ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳକୁ ଅଧିକ ଆକ୍ରାନ୍ତ କରୁଛି । ପରିବେଶର ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଇ କାର୍ଯ୍ୟକ୍ରମ ନହେଲେ ଭବିଷ୍ୟତରେ ନାନାଦି ଦୂରାରୋଗ ତଥା ସଂକ୍ରାମକ ବ୍ୟାଧି ବ୍ୟାପିବାର ଆଶଙ୍କା ରହିଛି । ତେଣୁ ବିକାଶ ସହ ପରିବେଶକୁ ଅଧିକ ଗୁରୁତ୍ୱ ଦେଇ ଆଗକୁ ପାଦ ବଢ଼ାଇବା ହିଁ ମୁଖ୍ୟ ପ୍ରସଙ୍ଗ । ପ୍ରସଙ୍ଗକୁ ଅଣଦେଖା କଲେ ଆଗକୁ ସାମ୍ନା କରିବାକୁ ଥିବା ବିପଦରୁ ମୁକୁଳି ପାରିବାକି ?

# ଏବର ଏ ଓଡିଶାରେ ବଞ୍ଚିବ କେମିତି



**ଗଜାନନ ମିଶ୍ର**

**ପଡୋଶୀଙ୍କ ସହିତ ଅନ୍ୟ ସମସ୍ତେ ହସୁଛନ୍ତି ଓଡିଶାରେ ଚାଲିଥିବା ବିଦେଶୀ ଭାଷାର ବହୁଳ ବ୍ୟବହାରକୁ ନେଇ କିନ୍ତୁ ଆମକୁ ଲଜ୍ଜାସରମ ଟିକିଏ ବି ଲାଗୁ ନାହିଁ । ଆମର ଅବସ୍ଥା କଣ ହେବ ଭାବିବାକୁ ବି ବେଳ ନାହିଁ ଆମଠି । ଯେମିତି କି ଓଡିଶା ହେଉଛି ସମସ୍ତଙ୍କର ଗୋଠ ସଂପ ! ଓଡିଶାର ଲୋକେ ଭୋକରେ ଶୋଷରେ ପିଲାକୁଟୁମ୍ବ ସହିତ ମରନ୍ତୁ, କାହାରି ପାଖରେ ରହିବାକୁ ଜାଗା ନ ଥାଉ, ଧାନବିଲ, ପାନବରଜ, ଭାଷା, ପରଂପରା, ଖଣି ଖାଦାନ ସଂସ୍କୃତି ସବୁ ସବୁ ନଷ୍ଟ ହୋଇଯାଉ ଆଉ ଯାଆନ୍ତୁ ସେମାନେ ମରି ହଜି ଯାଆନ୍ତୁ ଦୂରଦେଶ ଦାଦନ ଖଟି ସେଥିକି ଚିନ୍ତା ନାହିଁ କାହାରି ।**

ସିଦ୍ଧକବି ଅଚ୍ୟୁତାନନ୍ଦ ଦାସଙ୍କ ଭାଷାରେ – ଲଜ୍ଜାଥିଲା ପ୍ରାଣୀକି ଯେ ବାଧେ ଉପହାସ, ଲଜ୍ଜା ଛାଡିଲେ ପ୍ରାଣୀର ଧର୍ମ ଯାଏ ନାଶ । ଧର୍ମ ନାଶ ଗଲେ ପ୍ରାଣୀ ଦରିଦ୍ର ହୁଅନ୍ତି, ଦରିଦ୍ର ହେଲେ ପୁରାଣ ଧର୍ମ ନ ଶୁଣନ୍ତି । ଆପେ ହେଲେ ପାପାଚାରୀ ନୋହି ପୁଣ୍ୟ ସଙ୍ଗ, ପୁଣ ପୁଣ ନର୍କେ ଯାଇ ପଡେ ତାର ଅଙ୍ଗ । ପଡୋଶୀଙ୍କ ସହିତ ଅନ୍ୟ ସମସ୍ତେ ହସୁଛନ୍ତି ଓଡିଶାରେ ଚାଲିଥିବା ବିଦେଶୀ ଭାଷାର ବହୁଳ ବ୍ୟବହାରକୁ ନେଇ କିନ୍ତୁ ଆମକୁ ଲଜ୍ଜାସରମ ଟିକିଏ ବି ଲାଗୁ ନାହିଁ । ଆମର ଅବସ୍ଥା କଣ ହେବ ଭାବିବାକୁ ବି ବେଳ ନାହିଁ ଆମଠି । ଯେମିତି କି ଓଡିଶା ହେଉଛି ସମସ୍ତଙ୍କର ଗୋଠ ସଂପ ! ଓଡିଶାର ଲୋକେ ଭୋକରେ ଶୋଷରେ ପିଲାକୁଟୁମ୍ବ ସହିତ ମରନ୍ତୁ, କାହାରି ପାଖରେ ରହିବାକୁ ଜାଗା ନ ଥାଉ, ଧାନବିଲ, ପାନବରଜ, ଭାଷା, ପରଂପରା, ଖଣି ଖାଦାନ ସଂସ୍କୃତି ସବୁ ସବୁ ନଷ୍ଟ ହୋଇଯାଉ ଆଉ ଯାଆନ୍ତୁ ସେମାନେ ମରି ହଜି ଯାଆନ୍ତୁ ଦୂରଦେଶ ଦାଦନ ଖଟି ସେଥିକି ଚିନ୍ତା ନାହିଁ କାହାରି । ରାଜ୍ୟ ବାହାରର ଲୋକେ ଆସି ଜମାନ୍ତୁ ଆଉ୍ବା କିଛି ଚିନ୍ତା ନାହିଁ । ଆହେ ଯେଉଁଠି ଭାଷା ପ୍ରାଣ ନାହିଁ ଆଉ କଣ ଅଛି ବା ରହିବ ବୋଲି ଚିନ୍ତା କରିବ ସେଠି ? ମନେରଖ ଓଡିଆଏ ତୁମରି ପୂର୍ବପୁରୁଷଙ୍କ ବାଣୀ – ପ୍ରାଣ ଥିଲେ ସିନା ରାଜ୍ୟେ ଧନ ଅର୍ଜିପାରି, ଆପେ ନାଶ ଗଲେ କେହି ନୁହନ୍ତି କାହାରି । ଓଡିଶାର ଆତ୍ମା ଓଡିଶାର ପ୍ରାଣ ହେଉଛି ଓଡିଆଭାଷା । ଆଜି ସେହି ଆତ୍ମା ଉପରକୁ ପ୍ରମାଦ ଆସିଛି, ସେହି ଆତ୍ମାକୁ ନିଃଶେଷ କରିଦେବାର ଚକ୍ରାନ୍ତ ଚାଲିଛି, ଆସ ମୋର ସହୋଦରଗଣ ଆମେ ତାକୁ ସକଳ ଆପଦରୁ ରକ୍ଷା କରିବାକୁ ବାହାରି ପଡିବା ଘରୁ ସମସ୍ତ ଭୋଗବିଳାସ ଲୋଭ ମୋହ ଅହଂଭାବ ତ୍ୟାଗ କରି ଏବଂ ଜାହିର କରିବା ନିଜ ନିଜ ସ୍ଥିତି ଏ ପୃଥିବୀରେ । ଆସ ଆମେ ସୂର୍ଯ୍ୟ ହୋଇ ଉଭା ହେବା ଏ ବିଶ୍ୱରେ । ହିତକାରୀ ହୋଇ ରହିବା ଏ ମାଟିରେ । ଓଡିଶାର ମାଟିକୁ କରିବା ଶସ୍ୟବତୀ । ଠିକ୍ ଅଛି ଅତିଥି ସେବିଲେ ପୁଣ୍ୟ ହୁଏ । ପଡୋଶୀ ଭାଷା ସହିତ ଅନ୍ୟଅନେକ ଭାଷା ଆମର ଅତିଥି ଆମେ ତେଣୁ କାହାକୁ ବି ହତାଦର କରିବା ନାହିଁ ତାହାବୋଲି ସେମାନେ ଅତିଥିବେଶରେ ରାବଣ ସୀତା ହରି ନେଲାପରି ଆମଠି ଅଛି ଯାହା ଯେତେ ଯଦି ହରଣ କରିନେବେ ଆମର ଯଦି ସର୍ବନାଶ କରିବସିବେ ତେବେ ରାମରୂପରେ ଯୁଦ୍ଧଂଦେହି ଡାକରା ଦେଇ ଧ୍ୱଂସ କରିଦେବା ତାଙ୍କୁ ଯଥାଶୀଘ୍ର ।

ବିଶେଷକରି ଇଂରେଜି ଭାଷାଠାରେ ପରଭାବ ପରଶବ୍ଦ ପରସଂପି ହରିନେବାର କଳା ପୂରି ରହିଛି । ଅନ୍ୟରରାଜ୍ୟରେ ଧବଳଛତ୍ର ଉଡାଇବାର କୁଖ୍ୟାତି ରହିଛି । ମୂଷାକୁ ଖାଇ ସେହି ଗାତରେ ସର୍ପ ହୋଇ ରହିବାର ପ୍ରକୃତି ଅଛି ତାଠି । ଯେବଣ ବୃକ୍ଷ ଉପରେ ଘୋଟଇ ତମାଳ ଫଳପୁଷ୍ପ ସହିତରେ ନାଶ ଯାଇ ଡାଳ । ଏକଥା ବଚାରି ଓଡିଆ ଧର୍ମ ଜଗିଥିଲେ ଲକ୍ଷ୍ମୀ ଛାଡିବେ ନାହିଁ ପାଖରୁ କେବେ ବନ୍ଧୁଗଣ । ଓଡିଆ ଭାଷା ମରିବ ନାହିଁ ଠିକ୍ ଅଛି ଆମର କବିତା ଗଳ୍ପ ଉପନ୍ୟାସ ଜିନ୍ଦାବାଦ , ଆମକୁ ପୁରସ୍କାର ସମ୍ମାନ ମିଳିଗଲା ତ ହୋଇଗଲା କହିଦେଇ ସନ୍ତୋଷ ରହିଗଲେ ଚଳିବ ନାହିଁ । ଯେମିତି ରାଜ୍ୟ ଠିକ୍ ଚାଲିଛି କହି ରାଜା ସନ୍ତୋଷ ରହିଲେ , ବିପ୍ର ଅସନ୍ତୋଷ ହେଲେ, ବେଶ୍ୟା ଲଜ୍ଜା ରଖିଲେ , କୁଳସ୍ତ୍ରୀ ଲଜ୍ଜା ଛାଡିଲେ, ଧନୀବ୍ୟକ୍ତି ବିବାଦରେ ପଶିଲେ ସବୁକିଛି ନାଶ ହୋଇଯାଏ ସେହି ଅବସ୍ଥା ହୋଇଯିବ ଆମର ଆମରି ଏଇ ମାଟିରେ ଏଇ ଓଡିଶାରେ । ଇଂରେଜି ଭାଷା ଉଡନ୍ତା ପକ୍ଷୀପରି ଆମଠି ଥିବା ସବୁ ରସ ଖାଇ ଦେଇ ପୁଣି ଡେଣାଝାଡି ଉଡିଯିବ ଆମେ ଜାଣିପାରିବା ନାହିଁ ଖାଲି ହା ହୁତାସରେ ମରିବା ମରୁଥିବା । ବେଳଥାଉଥାଉ ହେ ଓଡିଆଗଣ ସତର୍କ ହୋଇଯାଅ ତୁମେ ସବୁ ଧାର୍ମିକ, ବିବେକବନ୍ତ, ଗୁଣବନ୍ତ ତୁମଠି ରହିଛନ୍ତି ସ୍ୱୟଂ ଜଗନ୍ନାଥ । ସବୁଠି ସବୁବେଳେ ବ୍ୟବହାର କର ତୁମରି ଭାଷା ଓଡିଆଭାଷା ଯାହା ବିଧିସମ୍ମତ, ସମ୍ବିଧାନ ପ୍ରଣୀତ, ଓଡିଶାର ଜନତା ଜନାର୍ଦ୍ଦନଙ୍କର ।

ଉ ାନପାଦ ରାଜାଙ୍କର ଦୁଇଟି ପତ୍ନୀ ଥିଲେ ସୁରୁଚି ଆଉ ସୁନୀତି । ସୁରୁଚିକୁ ରାଜା ଉ ାନପାଦ ବହୁତ ଭଲ ପାଉ ଥିଲେ । ଉ ମ ବୋଲି ପୁତ୍ର ହୋଇଥିଲା ସୁରୁଚି ଗର୍ଭରୁ, ଧ୍ରୁବ ଜନ୍ମ ହୋଇଥିଲେ ସୁନୀତିଙ୍କ ଉଦରରୁ । ସୁନୀତିକୁ ଓ ଧ୍ରୁବକୁ ସୁରୁଚି ସହି ପାରୁ ନ ଥିଲା । ଦିନେ ଧ୍ରୁବ ପିତା ଉ ାନପାଦଙ୍କ କୋଳରେ ବସିବାକୁ ଗଲା । ତେଣୁ ଧ୍ରୁବର ବସିବା ଉଦ୍ୟମକୁ ସୁରୁଚି ସହ୍ୟ କରିପାରିଲା ନାହିଁ । ଧାଇଁ ଆସି ତାକୁ ପାଖରୁ ତଡି ଦେଇ କହିଲା ହଟି ଯା ଦୂରକୁ, ତୋର ତ ପୂର୍ବ ଭାଗ୍ୟ ନାହିଁ ପୂର୍ବ ତପ ନାହିଁ ରାଜାଙ୍କ କୋଳରେ ବସିବୁ କେମିତି ? ତୋରି ମାତା ସୁନୀତି ମଧ୍ୟ ଅଭାଗିନୀ । ତୁ ତ ତାରି ଗର୍ଭରେ ଜନ୍ମ ହେଲୁ କଣ କରିବା ? ରାଜା ସିଂହାସନରେ ବସିଥିବାବେଳେ ତାଙ୍କରି କୋଳରେ ବସିବାର ଅଧିକାର ତୋର ନାହିଁ । ଜନ୍ମକଲା ପିତାର କୋଳରେ ପୁତ୍ରର ବସିବା ଅଧିକାର ନାହିଁ ! କଣ ତାର ତପ ନାହିଁ ! ଏହା ଭାବି ତପ କରିବାକୁ ସେ ବନକୁ ଗଲା ଏବଂ ଘୋର ତପ ଫଳରେ ସ୍ୱୟଂ ନାରାୟଣଙ୍କୁ ତୁଷ୍ଟ କଲା ଏବଂ ପରମପଦ ଧ୍ରୁବତ୍ୱ ଲାଭ କଲା ଯାହା କେହି କରି ନ ଥିଲେ କିମ୍ବା ଭବିଷ୍ୟତରେ ମଧ୍ୟ କରିପାରିବାର ଆଶା ନାହିଁ । ବର୍ତ୍ତମାନ ଆମ ଓଡିଆଭାଷାର ମଧ୍ୟ ଏହି ଅବସ୍ଥା ବନ୍ଧୁଗଣ ! ଆମ ପିତୃପିତାମହଙ୍କ ଓଡିଆଭାଷା ଆଇନରେ ବିଧିବିଧାନରେ ନୀତିନିୟମରେ ଥିଲେ ବି ରାଜକାର୍ଯ୍ୟରେ ମାଟିର ଭାଷା ରାଜ୍ୟର ରାଜଭାଷା ଓଡିଆଭାଷା ବ୍ୟବହାର ହେଉ ନାହିଁ ଅଥଚ ଚେର ମୂଳ ନ ଥିବା ବିଦେଶୀ ଇଂରେଜି ଭାଷା ସର୍ବତ୍ର ବ୍ୟବହୃତ ହେଉଛି । କି ଦୁର୍ଭାଗ୍ୟ ! ଓଡିଆସନ୍ତାନକୁ ଭାଷାରକ୍ଷାର୍ଥେ ଘୋର ତପ କରିବାକୁ ହେବ । ରାଜକାର୍ଯ୍ୟରେ, ଦୈନନ୍ଦିନ ଜୀବିକା ନିର୍ବାହ ନିମନ୍ତେ ଏ ଓଡିଆଭାଷାର ବ୍ୟବହାର କେମିତି ହେବ ଏଥିପାଇଁ ଓଡିଆ କବି ଲେଖକଗଣଙ୍କୁ ପ୍ରାଣମୂର୍ଚ୍ଛା ଉଦ୍ୟମ ପୁଣି କରିବାକୁ ହେବ ଯେମିତି କରାଯାଇଥିଲା ଓଡିଆ ଏକଟା ଭାଷା ନଏର ବିରୁଦ୍ଧରେ । ଏହା ହେଲେ ହିଁ ଓଡିଆଭାଷା ଘରେ ବାହାରେ ତାର ଯଥୋଚିତ ଅକ୍ଷୟ ଦିବ୍ୟସ୍ଥାନ ପାଇପାରିବ ଏବଂ ଓଡିଆଙ୍କର ମାନ ରକ୍ଷା ହେବ ବିଶ୍ୱ ଦରବାରରେ । ଗଣତନ୍ତ୍ର ଶାସନ ପ୍ରଣାଳୀରେ ଜନତାଜନାର୍ଦ୍ଦନଙ୍କୁ ଏକତ୍ର କରିବାକୁ ହେବ ଏବଂ ତାଙ୍କରି ଦ୍ୱାରା ପ୍ରତିଷ୍ଠିତ ସରକାରଙ୍କ ଉପରେ ଚାପ ପଡିଲେ ଓଡିଆଭାଷା ନିଶ୍ଚୟ ସର୍ବତ୍ର ସବୁବେଳେ ସମସ୍ତ ଶିକ୍ଷାର ମାଧ୍ୟମ ହେବା ସହିତ ଦୈନନ୍ଦିନ କାର୍ଯ୍ୟ ଧାରାରେ ବ୍ୟବହାର ହେବ, ହୋଇପାରିବ ।

ହେ ମୋର ପ୍ରିୟ ଓଡିଆଗଣ ଗୀତାର ଭାଷାରେ ତେଣୁ କହିବାକୁ ବାଧ୍ୟ ହେଉଛି ହତୋ ବା ପ୍ରାପସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ , ତସ୍ମାଦୁ ିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତ ନିଶ୍ଚୟ । ନିଜର ଅସ୍ତିତ୍ୱ ରକ୍ଷା କରିବାର ଭାଷାଯୁଦ୍ଧ ଆମ ସାମ୍ନାରେ । ବିଦେଶୀ ଦାନବ ରୂପୀ ଇଂରେଜୀ ଭାଷା ଆମର ମାଟିର ଭାଷାକୁ ନାଶ କରିଦେବାକୁ ମାଡି ଆସୁଛି ଆଉ ଆମ ଓଡିଆଭାଷା ଅବ୍ୟବହାର ଯୋଗୁଁ ଲୁପ୍ତ ହୋଇଯିବ ଆପଣାଛାଏଁ ଜାଣିପାରିବା ନାହିଁ ଏତେବେଳେ ଆମକୁ ଉଠିବାକୁ ହେବ ଯୁଦ୍ଧ କରିବାକୁ ହେବ । ଭାଷା ଲୁପ୍ତ ହୋଇଗଲେ ଲୁପ୍ତ ହୋଇଯିବେ ଆମରି ପୂର୍ବପୁରୁଷଗଣ, ହଜିଯିବ କାଳର କରାଳ ଗର୍ଭରେ ଆମର ବଂଶ ପରଂପରା, ସଂସ୍କୃତି ଆଦି ଆଦି । ଆସ, ଆସ ବନ୍ଧୁଗଣ ଭାଷାଯୁଦ୍ଧରେ ଝାସ ଦେବା । ଏ ଯୁଦ୍ଧରେ ପ୍ରାଣଗଲେ ସ୍ୱର୍ଗରେ ରହିବା ଯେମିତି କୀର୍ତ୍ତି ରଖିଯାଇଛନ୍ତି ପିତୃପୁରୁଷ ଆଉ ଯଦି ନିସତ ହୋଇ ହଟି ରହିବା ନିଜ ନିଜ ସ୍ୱାର୍ଥ ଜଗି ତେବେ ଆମର ନର୍କ ଗତି ସୁନିଶ୍ଚିତ କ୍ଷତ୍ରୀ ପୁତ୍ର ସଂଗ୍ରାମକୁ ଡରି ଯୁଦ୍ଧକୁ ନ ଗଲା ପରି , ବ୍ରାହ୍ମଣ ହୋଇ ବିଦ୍ୟାଠୁ ଦୂରରେ ରହିଲା ପରି , ରୋଗୀ ହୋଇ ଡାକ୍ତରର କଥା ନ ମାନିଲା ପରି , ବୈଷ୍ଣବ ହୋଇ କ୍ରୋଧୀ , କୁଳସ୍ତିରୀ ହୋଇ ଦୋଚାରୀ, ସଭାପଣ୍ଡା ହୋଇ ସଭାରେ ମିଛ କହିଲା ପରି , ରାଜା ହୋଇ ପ୍ରଜାକୁ ରକ୍ଷା ନ କଲା ପରି ଶିଷ୍ୟ ହୋଇ ଗୁରୁକୁ ନିନ୍ଦା କଲା ପରି ଓ ଏମାନେ ସବୁ ନର୍କର ବାଟରେ ଯାଇଥାନ୍ତି ଯେମିତି । କୋଉ ଜୀବନକୁ ଡରୁଛ ଏତେବେଳେ ବୁଝି ହେଉ ନାହିଁ । ପାଣିର ଭିତରେ ଯେହ୍ନେ ପାଣି ବିମ୍ବ ଫୁଟି, ତେସନ ସଂଜାତ ଏହି ପଂଚଭୂତ ଗୋଟି । ପ୍ରକୃତ ପରିଚୟ ତ ରହିଛି ଭାଷାରେ । ଭାଷାପ୍ରାଣ ଛାଡିଦେଇ ତୁମେ କେମିତି କହୁଛ ବଂଚିବାକୁ ଏତେବେଳେ ଓଡିଶାର ଏ ମାଟିରେ ! ପାରିବ ?

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ମୋ.: ୦୯୪୩୭୩୬୬୬୪୪*

# ଚୋରଙ୍କ ଛାମୁକରଣ



**କେଦାର ମିଶ୍ର**

**ମାନ୍ୟବର ସୁପ୍ରିମକୋର୍ଟ ରାଜ୍ୟରେ ଚାଲିଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ଆଦେଶ ଦେବା ପରେ ଏବେ ବହୁ ଚୋରଙ୍କ ମୁଖା ଖସିପଡୁଛି । ତେବେ ଏମାନେ ଯେ ଚୋର ନଥିଲେ ସେକଥା କେହି ବିଶ୍ୱାସ କରୁନାହାନ୍ତି । ରାଜ୍ୟବାସୀ ଜାଣନ୍ତି ଦିନ ଆଲୁଅରେ ଆଇନ୍‌କୁ ଫାଙ୍କି ଏମାନେ ଲୋକଙ୍କ ପଇସା ଚୋରି କରୁଥିଲେ ଓ ସେଥିରେ ମଉଜ କରୁଥିଲେ । ଏ ପ୍ରସଙ୍ଗ ରାଜ୍ୟ ସରକାର ବା ରାଜ୍ୟର ପୋଲିସ୍ ଜାଣିନଥିଲେ ତାହା ନୁହେଁ । ଜାଣି ଜାଣି ଆଖି ବୁଜି ବସିବା ସରକାରଙ୍କର ଏକ ଅଭ୍ୟାସ । ଅଭ୍ୟାସଗତ ଭାବରେ ସରକାର ଏ କ୍ଷେତ୍ରରେ ଆଖି ବୁଜି ବୁଜି କ୍ଷୀର ପିଉଥିଲେ । ଏବେ କଥା ପ୍ରଘଟ ହେବା ପରେ ଆଉ କିଛି ଲୁଚେଇବାର ନାହିଁ ।**

ଚୋରି କରୁଥିବା ଲୋକ ଜାଣେ ଦିନେ ନା ଦିନେ ତା ଚୋରି ଧରାପଡିବ ଓ ତାକୁ ଲୋକେ ଚୋର ବୋଲି ଛି ଛାକର କରିବେ । ତେଣୁ ପ୍ରତ୍ୟେକ ଚୋରର ମାନସିକତାରେ ଧରାପଡିବାର ଏକ ସମ୍ଭାବନା ତୀବ୍ର ଭାବରେ ରହିଥାଏ । ସମସ୍ୟାଟି ହେଉଛି ଚୋର ଭିତରେ ଥିବା ବଡଲୋକ ହେବାର ଅହମିକା । ଚୋରଟି ବଡ ଲୋକ ହେବା ପାଇଁ କିଛି ବଡଲୋକଙ୍କ ଆଶ୍ରୟ ନିଏ । କିଛି ସାଧୁଙ୍କୁ ଡାକି ନିଜ ପାଇଁ ସାଧୁତାର ପ୍ରମାଣପତ୍ର ଯୋଗାଡ କରେ । ବାସ୍ତବରେ ଏହି ସାଧୁତାର ପ୍ରମାଣପତ୍ର ଯୋଗାଡ କରିବା ଚୋରିର ଆଉ ଏକ ଦିଗ । ଚୋର ନିଜ କାମଟି କରେ । ହେଲେ ଯେଉଁ ସାଧୁମାନେ ଚୋରକୁ ସାଧୁତାର ପ୍ରମାଣପତ୍ର ଦିଅନ୍ତି ସେମାନଙ୍କୁ ବଡଚୋର ବୋଲି କୁହାଯିବ ନାହିଁ କାହିଁକି ? ଏ ପ୍ରସଙ୍ଗ ଅବତାରଣ କରିବା ପଛରେ ଏକମାତ୍ର ଉଦ୍ଦେଶ୍ୟ ହେଉଛି ଗତ କିଛି ବର୍ଷ ଧରି ଓଡିଶାରେ ଚାଲିଥିବା ଚୋରମାନଙ୍କର ସାଧୁତା ପ୍ରମାଣପତ୍ର ଯୋଗାଡ ପ୍ରସଙ୍ଗକୁ ଆଲୋଚନା କରିବା । ମାନ୍ୟବର ସୁପ୍ରିମକୋର୍ଟ ରାଜ୍ୟରେ ଚାଲିଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ଆଦେଶ ଦେବା ପରେ ଏବେ ବହୁ ଚୋରଙ୍କ ମୁଖା ଖସିପଡୁଛି । ତେବେ ଏମାନେ ଯେ ଚୋର ନଥିଲେ ସେକଥା କେହି ବିଶ୍ୱାସ କରୁନାହାନ୍ତି । ରାଜ୍ୟବାସୀ ଜାଣନ୍ତି ଦିନ ଆଲୁଅରେ ଆଇନ୍‌କୁ ଫାଙ୍କି ଏମାନେ ଲୋକଙ୍କ ପଇସା ଚୋରି କରୁଥିଲେ ଓ ସେଥିରେ ମଉଜ କରୁଥିଲେ । ଏ ପ୍ରସଙ୍ଗ ରାଜ୍ୟ ସରକାର ବା ରାଜ୍ୟର ପୋଲିସ୍ ଜାଣିନଥିଲେ ତାହା ନୁହେଁ । ଜାଣି ଜାଣି ଆଖି ବୁଜି ବସିବା ସରକାରଙ୍କର ଏକ ଅଭ୍ୟାସ । ଅଭ୍ୟାସଗତ ଭାବରେ ସରକାର ଏ କ୍ଷେତ୍ରରେ ଆଖି ବୁଜି ବୁଜି କ୍ଷୀର ପିଉଥିଲେ । ଏବେ କଥା ପ୍ରଘଟ ହେବା ପରେ ଆଉ କିଛି ଲୁଚେଇବାର ନାହିଁ । ଚିଟ୍‌ଫଣ୍ଡ ଘଟଣାରେ ରାଜନେତା ଓ ବଡ ବଡିଆଙ୍କ ସମ୍ପୃକ୍ତି ପଦାରେ ପଡିଛି । ତେବେ କେବଳ ଚିଟ୍‌ଫଣ୍ଡ ନୁହେଁ ଜମି ଓ ଘର ବଣ୍ଟନ ମାମଲାରେ ମଧ୍ୟ ବହୁ ଶିଷ୍ଟବିଶିଷ୍ଟଙ୍କ ନାମ ପଦାରେ ପଡିଲାଣି । ପଡୋଶୀ ପଶ୍ଚିମବଙ୍ଗରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ଅଭିନେତ୍ରୀ ଅପର୍ଣ୍ଣା ସେନ୍‌ଙ୍କୁ ସିବିଆଇ ନିକଟରେ ଜେରା କରିଛି । ଅପର୍ଣ୍ଣାଙ୍କ ନାମରେ ଅଭିଯୋଗ ଥିଲା ଯେ ସେ ପ୍ରଖ୍ୟାତ ଠକ କମ୍ପାନୀ ସାରଦା ଗ୍ରୁପ୍ ଦ୍ୱାରା ପରିଚାଳିତ ଏକ ପତ୍ରିକାର ସମ୍ପାଦିକା ଥିଲେ । ସମାନ କଥା ଓଡିଶାରେ ମଧ୍ୟ ଘଟିଛି । ଚିଟ୍‌ଫଣ୍ଡ ଦୁର୍ନୀତିରେ ନିଜ କଳଙ୍କକୁ ଲୁଚାଇବାକୁ ଯାଇ ଏହି ଠକ କମ୍ପାନୀଗୁଡିକ ସାହିତ୍ୟ ଓ ସଂସ୍କୃତିକୁ ନିଜର ଢ଼ାଲ ଭାବରେ ବ୍ୟବହାର କରୁଥିଲେ । ଏମାନଙ୍କ ପାଇଁ ନିଜ ସାଧୁତାର ପ୍ରମାଣ ଖୋଜିବା ପାଇଁ ସହଜ ଓ ସରଳ ମାଧ୍ୟମ ଥିଲେ ସାହିତ୍ୟିକମାନେ । ସେଥିଲାଗି ସିସୋର୍ ଗ୍ରୁପର ମାଲିକ ପ୍ରଶାନ୍ତ ଦାସ ଓ ଅର୍ଥତତ୍ତ୍ୱର ମାଲିକ ପ୍ରଦୀପ ସେଠୀ ହଠାତ୍ ବଡ ସାହିତ୍ୟପ୍ରେମୀ ଭାବରେ ନିଜକୁ ଉପସ୍ଥାପିତ କରିଥିଲେ । ମଜା କଥା ହେଉଛି ଏମାନଙ୍କ ଜାଲରେ ଓଡିଶାର ବଡ ବଡ ସାହିତ୍ୟିକ ବେଶ୍ ସହଜରେ ଧରା ଦେଇଥିଲେ । ସେମାନେ କେବଳ ଏହି ଠକ କମ୍ପାନୀମାନଙ୍କ ଦ୍ୱାରା ବ୍ୟବହୃତ ହେଲେ ନାହିଁ ବରଂ ସେମାନଙ୍କର ଭାଟ ପାଲଟିଗଲେ । ସିସୋର୍ ସାହିତ୍ୟ ଏକାଡେମୀରେ ଚଉକିଟିଏ ପାଇବା ଲାଗି ସାହିତ୍ୟିକ ମହଲରେ ବାଡିଆପିଟାର କୌତୁକିଆ ଦୃଶ୍ୟ ଆମେ ଦେଖିଛୁ । ତିନି ଲକ୍ଷ ଟଙ୍କାର ପୁରସ୍କାରଟିଏ ପାଇ ମହାପାତ୍ର ନୀଳମଣି ସାହୁଙ୍କ ଭଳି ଏ ରାଜ୍ୟର ସର୍ବମାନ୍ୟ ଲେଖକ ଓ ସାହିତ୍ୟିକ ପ୍ରଶାନ୍ତ ଦାସଙ୍କୁ ସାରଳା ଦାସ ଓ ଜଗନ୍ନାଥ ଦାସଙ୍କ ସମକକ୍ଷ ବୋଲି କହିବାକୁ ପଛାଇଲେ ନାହିଁ । ବିଶିଷ୍ଟ କଥାକାର ଓ ସାଧକ ମନୋଜ ଦାସ ସିସୋର୍ ସାହିତ୍ୟ ଏକାଡେମୀର ମାର୍ଗଦର୍ଶକ ଭାବରେ ବେତନଭୋଗୀ ହୋଇ କାମ କଲେ । ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଭଳି ଅତ୍ୟନ୍ତ ଦକ୍ଷ ଓ ସଚ୍ଚୋଟ ସାହିତ୍ୟିକଙ୍କୁ ସିସୋର୍ ଗ୍ରୁପ୍ ନିଜ ସାହିତ୍ୟ ଏକାଡେମୀର ମୁଖିଆ ଭାବରେ ଅବସ୍ଥାପିତ କରିବା ଲାଗି ସଫଳ ହୋଇଥିଲା । ଅବଶ୍ୟ ରାଜେନ୍ଦ୍ର ବାବୁ ଅଳ୍ପଦିନ ଭିତରେ ଏହି କମ୍ପାନୀ ସହ ନିଜର ସବୁ ସମ୍ପର୍କ ଛିନ୍ନ କରି କୌଣସି ଆର୍ଥିକ ଦେୟ ଗ୍ରହଣ କରିନଥିଲେ । ଏତେବଡ ଲେଖକ ଓ ସାହିତ୍ୟିକ ଏକ ଠକ କମ୍ପାନୀର ପୃଷ୍ଠପୋଷକ ତଥା ମାର୍ଗଦର୍ଶକ ହେବା ଅନେକଙ୍କୁ ଚକିତ କରିଥିବ ନିଶ୍ଚୟ । ତେବେ ଏଥିପାଇଁ ମୁହଁ ଲୁଚାଇବା ଛଡା ଆମ ଲେଖକଙ୍କ ପାଖରେ ଅନ୍ୟବାଟ ନାହିଁ । କେବଳ ଲେଖକ ନୁହନ୍ତି ବଡ ବଡ ଶିଳ୍ପୀ, କଳାକାର, ସାମ୍ବାଦିକ ଓ ରାଜନେତା ଏହି ଠକ କମ୍ପାନୀମାନଙ୍କର ପ୍ରମୋଟର୍ ଭାବରେ କାମ କରି ଆସିଛନ୍ତି । ଚିଟ୍‌ଫଣ୍ଡ ଦୁର୍ନୀତିର ଦୁଇ ମୁଖ୍ୟ କାର୍‌ପଟଦାର ପ୍ରଶାନ୍ତ ଦାସ ଓ ପ୍ରଦୀପ ସେଠୀ ରାତାରାତି ଲମ୍ବା ଦାଢ଼ି ବଢ଼େଇ ଓଡିଶାର ଜନଜୀବନରେ ଆଗ ଧାଡିର ନାଗରିକ ପାଲଟିଗଲେ । ୨୦୦୦ ମସିହା ବେଳକୁ ଯେଉଁମାନେ ଚା' ଖଟିରେ ଚା'ର ପଇସା ଦେଇନପାରି ଦୋକାନୀଠାରୁ ଗାଳି ଖାଉଥିଲେ ସେମାନେ ହଠାତ୍ ୨୦୧୦ ମସିହା ବେଳକୁ କୋଟି କୋଟି ଟଙ୍କାର ମାଲିକ ପାଲଟି ଗଲେ । ଏମାନଙ୍କ ପାଖରେ କୋଟି କୋଟି ଟଙ୍କାର କାର୍ ଓ ବ୍ୟାଙ୍କ୍ ବାଲାନ୍ସ କେଉଁ ସୂତ୍ରରୁ ଆସୁଥିଲା ସେ ବିଷୟରେ ରାଜ୍ୟ ସରକାର ଓ ତାଙ୍କ ପୋଲିସ୍ ବେଶ୍ ଭଲଭାବରେ ଅବଗତ ଥିଲେ । ସବୁଠୁ ବଡ କଥା ହେଉଛି ଏମାନେ କେହି ଚୋରା ବେପାରୀ ବା କଳାବଜାରୀ ନଥିଲେ । ସହର ମଝିରେ ଚକ୍‌ଚକ୍ କାର୍ଯ୍ୟାଳୟ ଖୋଲି କର୍ପୋରେଟ୍ ଢ଼ାଞ୍ଚାରେ ଖୋଲାଖୋଲି ଲୋକଙ୍କୁ ଲୁଟ୍ କରାଯାଉଥିଲା । ଏମାନଙ୍କର କୌଣସି ବ୍ୟାବସାୟିକ କାର୍ଯ୍ୟକ୍ରମ ଲୁଚାଛପା ନଥିଲା । ସର୍ବସାଧାରଣରେ ୱେବ୍‌ସାଇଟ୍ ମାଧ୍ୟମରେ ଓ ନିଜର ନେଟ୍‌ୱର୍କ ଜରିଆରେ ଏମାନେ ଚୋରି କରୁଥିଲେ । ମନି ସର୍କୁଲେସନ୍ ଆଇନ୍‌ର ବ୍ୟାପକ ଦୁରୁପଯୋଗ ହେଉଥିବା ସତ୍ତ୍ୱେ ପୋଲିସ୍ ଏ କ୍ଷେତ୍ରରେ ନିରବ ହୋଇ ବସିଥିଲା । ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ବରିଷ୍ଠ ସଭ୍ୟ, ବିଧାୟକ, ସାଂସଦ, ସାମ୍ବାଦିକ, ସାହିତ୍ୟିକ ଓ ବରିଷ୍ଠ ନାଗରିକମାନେ ଏମାନଙ୍କ ସାଙ୍ଗରେ ଆତଯାତ ହେଉଥିଲେ । ସମ୍ପ୍ରତି ଜେଲ୍‌ରେ ଥିବା ପ୍ରଶାନ୍ତ ଦାସଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକ ଥର ଗୋଟିଏ ମଞ୍ଚରେ ବସିଛନ୍ତି ଓ ମୁଖ୍ୟମନ୍ତ୍ରୀ ପ୍ରଶାନ୍ତ ଦାସଙ୍କ ପିଠି ଥାପୁଡେଇଛନ୍ତି । ସେ କ୍ଷେତ୍ରରେ ଲୋକେ ପ୍ରଶାନ୍ତ ଦାସଙ୍କ ପ୍ରତି ଯଦି ଆସ୍ଥାପୋଷଣ କଲେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଦାୟୀ ହେବେ ନାହିଁ କାହିଁକି ? ଏହି ସମଗ୍ର ଲୁଟ୍‌ରେ ଓଡିଶା ସରକାରଙ୍କ ଭୂମିକା ଯେତିକି ସନ୍ଦେହଜନକ, ଓଡିଶାର ବରିଷ୍ଠ ଓ ବିଶିଷ୍ଟ ନାଗରିକମାନଙ୍କର ଭୂମିକା ସେତିକି ନିନ୍ଦନୀୟ । ଯେଉଁ ସାହିତ୍ୟିକ ବା ସାମ୍ବାଦିକମାନେ ପେଟ ପୋଷିବା ପାଇଁ ଏହି ସଂସ୍ଥାରେ ଚାକିରୀ କଲେ ସେମାନଙ୍କ ଉପରେ ଆମର କିଛି କହିବାର ନାହିଁ । ଜଣେ ଚାକିରିଜୀବୀ ପାଇଁ ଓଡିଶାରେ ବିଶେଷ କିଛି ସମ୍ଭାବନା ନାହିଁ । ସେ ଦୃଷ୍ଟିରୁ ଏହି ଠକ କମ୍ପାନୀଗୁଡିକ ଏକଦା ବେଶ୍ ସଂଖ୍ୟକ ଲୋକଙ୍କୁ ଚାକିରୀ ଯୋଗାଇ ଦେବାରେ ସଫଳ ହୋଇଥିଲେ । ସେହି ସଫଳତାର ଅଂଶୀଦାର ହେବା ପାଇଁ କିଛି ସାହିତ୍ୟିକ ଓ ସାମ୍ବାଦିକ ତାଙ୍କର ସହଯୋଗୀ ପାଲଟିଥିଲେ । ହେଲେ ବରିଷ୍ଠ ଓ ବିଶିଷ୍ଟଙ୍କ ଭିତରେ ଏଥିପାଇଁ ବ୍ୟାକୁଳତାର କାରଣ ଆମେ ଖୋଜି ପାଉନାହୁଁ । ଆଜିର ପରିସ୍ଥିତିରେ ଯେଉଁମାନେ ଏହି ଠକ କମ୍ପାନୀଗୁଡିକର ପ୍ରମୋଟର୍ ଥିଲେ ସେମାନଙ୍କୁ ସିବିଆଇ ଜେରା କରୁ ବୋଲି କହିବା ବୋଧେ ଅଯୌକ୍ତିକ ହେବ ନାହିଁ । ମନୋଜ ବାବୁଙ୍କ ପରି ବରିଷ୍ଠ ଏଥିପାଇଁ ରାଜ୍ୟବାସୀଙ୍କ ଆଗରେ ଉତ୍ତର ରଖିବାକୁ ପଡିବ ।

ଓଡିଶାର ଦୁର୍ଭାଗ୍ୟଜନକ ସ୍ଥିତି ହେଉଛି ଯାହା ପାଖରେ ପଇସା ଅଛି ତାକୁ ରାତାରାତି ବଡଲୋକର ମର୍ଯ୍ୟାଦା ମିଳିଯାଉଛି । ଏହାର ଆଉ ଏକ ଉଦାହରଣ ହେଉଛି ରାଜ୍ୟରେ ଶିକ୍ଷା ବ୍ୟବସାୟ ଚଳାଇଥିବା ଏକ ବଡ ସଂସ୍ଥା । ନିକଟରେ ଜମି ଘୋଟାଲା କରି ତିନିଶହ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଫାଙ୍କିଥିବା ଏହି ସଂସ୍ଥା ନାଁରେ ଅନେକ ପ୍ରକାର ମାମଲା ରହିଛି । ବେଆଇନ୍ ଜମି ଅଧିଗ୍ରହଣ, ଜାଲିଆତି, ଭୁଲ୍ ତଥ୍ୟ ଦେଇ ପିଏଚ୍‌ଡି ହାସଲ ଇତ୍ୟାଦି ବହୁ ଅପକର୍ମରେ ଛନ୍ଦି ହୋଇପଡିଥିବା ଏହି ସଂସ୍ଥାର ଏକ ସାହିତ୍ୟିକ ମୁଖା ମଧ୍ୟ ରହିଛି । ସମାଜସେବା ଓ ସାହିତ୍ୟ ନାଁରେ ଏହି ସଂସ୍ଥା ନିଜର ଜାଲିଆତିକୁ ପରଦା ତଳେ ରଖିବାକୁ ସମର୍ଥ ହୋଇଛି । ଏଥିପାଇଁ ବିପୁଳ ଅର୍ଥ ପ୍ରୟୋଗ କରି ଦେଶ ତଥା ରାଜ୍ୟର ବଡ ବଡ ତାରକା ଲେଖକ, ଅଭିନେତା ଓ ସମାଜସେବୀଙ୍କୁ ଡାକି ନିଜ ପାଇଁ ପ୍ରମାଣପତ୍ର ଯୋଗାଡ କରିବାରେ ଏହି ସଂସ୍ଥା ଓ ଏହାର ମୁଖ୍ୟ ବିଶ୍ୱରେକର୍ଡ ତିଆରି କଲେଣି । ତାଙ୍କୁ ଜଣେ ଉଚ୍ଚକୋଟୀର ସନ୍ଥ ବୋଲି ଏକଦା ଆମର ଜଣେ ଚିନ୍ତକ ବୋଲାଉଥିବା ସାହିତ୍ୟିକ ଲେଖିଥିଲେ । ଆଉଜଣେ ବିଶିଷ୍ଟ ଔପନ୍ୟାସିକ ପାଦେ ଆଗେଇ ଯାଇ କହିଥିଲେ ଯେ ଏହି ବ୍ୟକ୍ତି ଜଣକ ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ସମକକ୍ଷ । ଏହି ସଂସ୍ଥା ଏକ ବିଶାଳକାୟ ଭାଟ ଓ ଚାରଣଗୋଷ୍ଠୀ ତିଆରି କରିଛି ଯେଉଁଥିରେ ରାଜ୍ୟର ବହୁ ଶିଷ୍ଟ ଓ ବିଶିଷ୍ଟ ସାମିଲ୍ ଅଛନ୍ତି । ରାଜ୍ୟ ରାଜକୋଷକୁ ଲୁଟ୍ କରି ତଥା ସାଧାରଣ ଲୋକଙ୍କ ପେଟରେ ଗୋଇଠା ମାରି ବଡଲୋକ ହୋଇଥିବା ଏହି ସଂସ୍ଥାର ଜୟଗାନ କରୁଥିବା ଏହି ଭାଟମାନଙ୍କୁ ଆମେ ଏହି ଦୁର୍ନୀତିର ଅଂଶୀଦାର ବୋଲି କହିବା ଭୁଲ୍ ହେବ କି ? ଏକଥା ସତ ଯେ ଓଡିଶା କଳା ଓ ସାହିତ୍ୟ ଦୃଷ୍ଟିରୁ ବେଶ୍ ପ୍ରାଚୁର୍ଯ୍ୟମୟ ହୋଇଥିଲେ ମଧ୍ୟ ଏହାର ବିକାଶ ଲାଗି କୌଣସି ପ୍ରକାର ପ୍ରୋତ୍ସାହନ ବ୍ୟବସ୍ଥା ନାହିଁ । ଯାହା ଫଳରେ ଠକ ଓ ଚୋରମାନେ ଏହାକୁ ଆଧାର କରି ବଡଲୋକ ହେବାର ସ୍ୱପ୍ନ ଦେଖୁଛନ୍ତି । ତେବେ ସେମାନଙ୍କୁ ଏଥିରେ ସହାୟତା କରୁଥିବା ଆମ ସାହିତ୍ୟର ଚିନ୍ତକ ଓ ସାଧକମାନେ ନିଜ ବିବେକ ଆଗରେ କଦାପି ଠିଆ ହୋଇପାରିବେ ନାହିଁ । ଲୋକଙ୍କୁ ଲୁଟ୍ କରିଥିବା ଏହି ଅସାଧୁ ଓ ଅନୈତିକ ଚରିତ୍ରମାନଙ୍କ ସହଯୋଗୀ ଭାବରେ ଏହି ବିଶିଷ୍ଟ ସାହିତ୍ୟିକମାନେ ଅପରାଧୀ ତାଲିକାରେ ରହିବାକୁ ବାଧ୍ୟ ।




*ଫୋନ୍ : ୯୪୩୭୧୫୪୪୪୫*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦
ଦୂରଭାଷ : ୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ-୫

ଧାରାବାହିକ ଉପନ୍ୟାସ



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



**ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

ହେଲେ ବୁଢୀମା'ଟା ସେତେବେଳଯାଏ ବସି ରହିଥିଲା ଲଙ୍ଘାରେ ଗୋଡ଼ହାତ ଲମ୍ବାଇ। ବସିଥିଲା ଏବଂ ଅବୋଧ କଥା କିଛି ଗୁଣୁଗୁଣୁଉ ଥିଲା। ଦୁଇହାତକୁ ଜୋଡ଼ି ମୁଣ୍ଡରେ ଲଗାଉଥିଲା।

ତା'ପରଦିନ ସକାଳୁ ଉଠି ଚକ୍ରଧର ଚିହ୍ନିପାରିଲା ନାହିଁ ନିଜ ପରିଚିତ ପୃଥିବୀକୁ। ସବୁକିଛି ଯେମିତି ଆମୂଳଚୂଳ ବଦଳି ଯାଇଥିଲା! ସବୁକିଛି ଲାଗୁଥିଲା ନୂଆ ନୂଆ। ଘର ବାହାର, ମାଟି ଆକାଶ ଗଛପତ୍ର ଆଦି ପ୍ରତିଟି ଜିନିଷରେ ବୋଳି ହୋଇଯାଇଥିଲା ସୁନେଲି ରଙ୍ଗ। ଚମ୍ପା ଉଠି ବାସି ପାଇଟି କରୁଥିଲା ଅତୁଳନୀୟ ଆନନ୍ଦ ଓ ଆଗ୍ରହର ସହିତ। ତା' ମୁହଁରୁ ବିଚ୍ଛୁରିତ ହେଉଥିଲା ଅନନ୍ୟ ଏକ ତେଜ।

ଚକ୍ରଧରର ଆଖି ସାମ୍ନାରେ ଯେ କିଏ? ବୈବାହିକ ଜୀବନର ନିଷ୍ଫଳ, ବିରକ୍ତିକର ବାର ବର୍ଷ ଅତିବାହିତ କରି ଆସିଥିବା ବୟସ୍କା ଚମ୍ପା ନା ନୂଆବୋହୂ ସାଜି ପାଦରେ ଅଳତା, ମଥାରେ ସିନ୍ଦୁର ଓ ହାତରେ ରୁଣୁଝୁଣୁ ଶଙ୍ଖା ପିନ୍ଧି ଓଢଣା ଟାଣିଥିବା ଚମ୍ପା!! ଚମ୍ପା ମୁହଁରେ ଝୁଲି ରହିଥିଲା ପେନ୍ଥାଏ ମଲ୍ଲିଫୁଲିଆ ତାଜା ହସ। ସେ ହସ ସତେଅବା ଧୋଇ ନେଇ ଯାଉଥିଲା ପୃଥିବୀର ଯାବତୀୟ ଆବର୍ଜନା, ଯାବତୀୟ ଦୁଃଖ ଓ କ୍ଲେଶ! ସେ ହସ ସତେଅବା ପୃଥିବୀ ଉପରେ ବିଂଚି ଦେଉଥିଲା ଆଞ୍ଜୁଳା ସୁଖ! ସେ ହସ ସତେଯେପରି କେବଳ ଆଖିକୁ ନୁହେଁ, ଚକ୍ରଧରର ଦେହ ମନ ଆତ୍ମାକୁ ଚହଲେଇ ଦେଉଥିଲା ଚରମ ପୁଲକରେ!

ବାଡ଼ିପଟେ ଆମ୍ବଗଛର ପତ୍ର ଉହାଡ଼ରୁ ତୁହାକୁ-ତୁହା ଭାସି ଆସୁଥିଲା ମନମତାଣିଆ ବାସ୍ନା, ମେଂଚାଏ, ଯାହା ଅଭିଭୂତ କରିପକାଉଥିଲା ଛାତିକୁ। ଚକ୍ରଧରର ଅପ୍ରକାଶିତ ଆନନ୍ଦ ଏତେ ତୀବ୍ର, ଏତେ ପର୍ଯ୍ୟାପ୍ତ ଥିଲା ଯେ ତାହା ତାକୁ ଏକରକମର ଆତ୍ମହରା କରିପକାଉଥିଲା। ତା' ଗୋଡ଼ ତଳେ ଲାଗୁନଥିଲା। ତା' ମନ ଚୈତନ୍ୟ, ଘର ସଂସାର ପରିପୂର୍ଣ୍ଣ ହୋଇଯାଉଥିଲା।

ଦିନ ଯେତେ ପାଖେଇ ଆସୁଥିଲା, ଚମ୍ପା ସେତେ ସୁନ୍ଦରୀ ଦେଖା ଯାଉଥିଲା। ତା' ଦେହର ପ୍ରତିଟି ଅଂଶରେ କିଏ ଯେପରି ଖୁନ୍ଦିପକାଉଥିଲା ରାଶି ରାଶି ସୌନ୍ଦର୍ଯ୍ୟ! ତା' ଗୋଡହାତ ଭାରି ହୋଇଯାଉଥିଲା। ଆଗପରି ସେ ଆଉ ରାତିରୁ ଉଠି ଗାଧୋଇପାଧୋଇ, ପଡ଼ିଉଠି ଘରର ସବୁ କାମ କରିପାରୁ ନଥିଲା। ସେସବୁ କରିବାକୁ ଚକ୍ରଧର ତାକୁ ବାରଣ କରିଥିଲା। ବାଡ଼ିପଟ ଗଭୀର କୂଅରୁ ପାଣି କାଢିବାଠାରୁ ଆରମ୍ଭ କରି ଲିପାପୋଛା, ଗାଈବଳଦଙ୍କ କାମ, ଖଳାବାରି କାମ ସବୁ କରୁଥିଲା ଚକ୍ରଧର, ପରମ ଆଗ୍ରହ ଓ ଆନନ୍ଦର ସହିତ।

ଚମ୍ପାକୁ କିଛି ଖାଇବାକୁ ରୁଚୁ ନଥିଲା। ଦୁନିଆଯାକର ଆଳସ୍ୟ ଲଦି ହୋଇପଡୁଥିଲା ତା' ଦେହ ଓ ମନ ଉପରେ। ତା' ପେଟ ଘୂନ୍ଦାଳି ବେଳେବେଳେ ଅଇ ଉଠି ଆସୁଥିଲା। କାହା ସାଙ୍ଗରେ କଥାବାର୍ତ୍ତା କରିବାକୁ ତା'ର ଆଦୌ ଇଚ୍ଛା ହେଉନଥିଲା। ଚୁପ୍‌ଚାପ୍ ବସିବା ପାଇଁ ମନ ହେଉଥିଲା। ସେ ଚାହୁଁଥିଲା, ଏକ ଶୂନ୍‌ଶାନ୍ ସ୍ଥାନକୁ ଯାଇ ବିଲ୍‌କୁଲ୍ ଏକୁଟିଆ ବସିବ! ବସିବ ଏବଂ ଭାବିବ। ନୀରବରେ ନୀରବରେ କଥାବାର୍ତ୍ତା ହେବ ତା' ପେଟ ଭିତରର ଅଦେଖା କୋଣରେ ଛପି ରହିଥିବା କୁନି ଆଗନ୍ତୁକ ସହିତ। ତା' ସହ ଦୁଃଖସୁଖ ହେବ। ତା' ଭଲ ମନ୍ଦ ପଚାରିବ-

'ଶୋଇ ପଡିଲୁଣି କିରେ ବାୟା? ଆରେ ଆରେ ଏଇ ସାଙ୍ଗେ ସାଙ୍ଗେ ଉଠିପଡ଼ିଲୁ। କାଇଁକି ଏମିତି ଖବିସା ହଉଚୁ? ଗୋଡହାତ ଛାଟୁଚୁ? ତୋର କିଛି ଅସୁବିଧା ହେଉଚି କିରେ? ଏଡ଼ିକି ବକଟେ ଅନ୍ଧାରୁଆ ପେଟ ଭିତରେ ଖେଳକୁଦ କରିବାକୁ ଜାଗା ହେଉନାହିଁ କି! ଥା ! ମୋ ବାପଟା ପରା, ମୋ ଧନଟା ପରା, ଆଉ କେଇଟା ଦିନ ସେଇଠି ଥା! ଆଉ କିଛି ଦିନ ପରେ ମୋ ଅନ୍ତ ଚିରି ତୁ ବାହାରକୁ ଆସିବୁ। ଦୁନିଆର ଆଖି ଝଲ୍‌ସା ଆଲୁଅ ଦେଖିବୁ ଖେଳିବୁ, ନାଚିବୁ, ସଂସାର ସହିତ ଜୁଝିଜୁଝି ନିଜକୁ ଜାହିର୍ କରିବୁ। ବାପଟା ପରା, ସବୁର୍ କରିଯା ଆଉ କେଇଟା ଦିନ..........!!"

ସେଦିନ ସଞ୍ଜବେଳେ କାମରୁ ଫେରି ଥକ୍‌କା ମେଟାଇବା ପାଇଁ ଲଙ୍ଘାରେ ବସିଥାଏ ଚକ୍ରଧର। ଗଳାବସ୍ତ୍ର ହୋଇ ଚଉଁରାମୂଳେ ସଞ୍ଜବତୀ ଲଗାଇସାରି ଚମ୍ପା ତା' ପାଇଁ ବେଲାରେ ବେଲାଏ ମୁଢି ଓ ଗିଲାସେ ଚା' ଦେଇ ରୋଷେଇ ଘରେ ପଶିଲା। ବୁଢୀମା' ବସିଥାଏ ଚୂଲିପାଖରେ। ମୁଢି ଚୋବାଇ ଚା' ଦି' ଢୋକ ପିଉ ପିଉ ଚକ୍ରଧର କହିଲା- "ପରଜଙ୍ଗ ହସ୍‌ପିଟାଲରୁ ଜଣେ ନର୍ସ ଦିଦି ଆଜି ଆସିଥିଲେ ମଠସାହି ଛକକୁ। କ'ଣ ତାଙ୍କ ନାଁଟି ତ! ହଁ .........ହଁ, କମଳାଦିଦି। ଭାରି ଭଲ ଦିଦିଟା। ସେ କହୁଥିଲେ, ସରକାର ନୂଆ ନିୟମ କରିଛନ୍ତି। ଏଣିକି ସବୁପିଲା ହସ୍‌ପିଟାଲରେ ଜନ୍ମ ହେବେ। ଘରେ ଜନ୍ମ ହେଲେ କାଳେ ଭାରି ଅସୁବିଧା ହଉଚି। ମୁଁ ତାଙ୍କ ସହିତ କଥାବାର୍ତ୍ତା କରିଚି। ଆମର ପିଲା ହସ୍‌ପିଟାଲରେ ଜନ୍ମ ହେବ। ସେଠି ଭାରି ସୁବିଧା। ଡାକ୍ତର ନର୍ସ ହାଉଯାଉ। ଘରେ କଲେ ଭଲ ମନ୍ଦ ଅଛି..........!!"

ବୁଢୀମା' କାନରେ ବାଜିଲା ସେ ତ ରାଗି ଏକବାର ନିଆଁବାଣ! ତା ସମଗ୍ର ଶରୀର କ୍ରୋଧରେ କମ୍ପିଉଠିଲା। ସତେକି ସର୍ବନାଶଟିଏ ଘଟିଯାଇଛି, ସେହିପରି ବଡ଼ପାଟିରେ ଚିଲେଇଲା- "କ'ଣ କହିଲୁ ତୁ କୁଳାଙ୍ଗାର? ଛୁଆ ମେଡ଼ିକଲରେ ଜନମ ହେବ? ଅପର୍ଚ୍ଛନ ହବ? ତୁ ଧରମଛଡ଼ା ମୋ ସଂସାର ଭସେଇ ଦବାକୁ ବସିଛୁ ନାକ'ଣ? କି କଳିକାଳ ହେଲା ଲୋ ମା! ଆଲୋ ଶୁଣ ଲୋ ସାଇ ମାଇପେ, ଏ ନିଲଠା ଚକରା କି ଅଭିଲା କଥା କହୁଚି ଶୁଣ! ଆରେ ବାଡିପଶା ଚକରା, ମେଡିକଲ ଛୁଆ କ'ଣ ସରି ହବ ଏନ୍ତିଡ଼ିଶାଳ ଛୁଆ ସହିତ? ଚାରି ଚାରିଟା ଛୁଆପରା ମୁଁ ଜନମ କରିଚି ଏଇ ଘରେ? ଶୂଳିଆଣୀ ଶୂଳ ଧରିବ, ଆଖିପିଛଳାକେ ଛୁଆ ବାହାରି ଆସି ମାଟିରେ ପଡିବ। କୁଆଁ କୁଆଁ ରଡ଼ିବ! ଯେ ଅଳପେଇଶା ଟୋକା କହୁଚି କ'ଣ ନା ଛୁଆ ଜନମ ହବ ମେଡ଼ିକଲରେ! ଛି ....ଲୋ...ଛି....!!"

*କ୍ରମଶଃ...*

# ସହରରେ ନୂଆବର୍ଷ

ଅଙ୍ଗୁରବାଳା ପରିଡ଼ା

ରଜ, ଦୋଳ, ହୋଲି ଭଳି
ଉଲ୍ଲାସର ପର୍ବଟିଏ ହୋଇ
ଫି' ସାଲ,
ନୂଆବର୍ଷ ଆସେ।
ମନ୍ଦିର, ମସଜିଦ୍ ଓ ଗୀର୍ଜାସହ
ହୋଟେଲ ବା ରାସ୍ତାକଡ଼
କଂସେଇଶାଳା ବି
ହୁଏ ଉତ୍ସବ ମୁଖର,
ରାତିସାରା ଶିଶିରବର୍ଷାରେ
ଶୀତର ଉହ୍ନେଇ ଜାଳି
ନୂଆବର୍ଷ ସହରରେ ପଶେ।
ନୃତ୍ୟଗୀତ ତାଳେ ତାଳେ
ଆତସବାଜିରେ
ସମ୍ବର୍ଦ୍ଧି ହୁଏ ନୂଆବର୍ଷ,
ନୂଆ ଆଶା, ନୂଆ ସ୍ୱପ୍ନ
ନୂଆ ନୂଆ ଲକ୍ଷ୍ୟ ନେଇ
ଉଚ୍ଛ୍ୱସିତ ହୁଏ ଏ ମଣିଷ।
ବଣଭୋଜି, କବିତା ଆସର
ନାମୀଦାମୀ କମ୍ପାନୀର
ଲୋଭିଲା ଅଫର୍
ସହରରେ ଖୁସିର ଲହର ହୋଇ
ନୂଆବର୍ଷ ନୂଆଖସଡାର
ପ୍ରସ୍ତୁତି ପର୍ବରେ
ଉପନୀତ ହୁଏ,
କେଜାଣି କେମିତି
ପଇସ ପଇସା ପରି
ପକେଟରୁ ପୁରୁଣା ବର୍ଷଟି ଏଠି
ଆଇସ୍‌କ୍ରିମ୍, ଗୁପ୍‌ଚୁପ୍ କିଣାରେ
ଖର୍ଚ୍ଚ ହୋଇଯାଏ।

ଡି/୧, ସେକ୍ଟର-୯, ରାଉରକେଲା-୯
ଫୋନ୍-୯୪୩୮୦୫୭୫୭୮

# ସାହିତ୍ୟ ଚିରକାଳ ଅମଳିନ ଓ ଗତିଶୀଳ

*ତାଙ୍କ ଗପ ଦେଖାଏ ଅସରନ୍ତି ସ୍ୱପ୍ନ। ମନରେ ଭରିଦିଏ ବଞ୍ଚି ରହିବାର ଅସରନ୍ତି ପ୍ରେରଣା। ଦେଇପାରେ ଉଜ୍ଜ୍ୱଳ ଜହ୍ନରାତିର କୋମଳ, ଶୀତଳ ଉପଲବ୍ଧି। ତାଙ୍କ ଗପ ପଢ଼ିସାରିବା ପରେ ପାଠକର ମନ ଓ ହୃଦୟ ପବିତ୍ର ଓ ପ୍ରଶାନ୍ତ ଆବେଗରେ ଆଚ୍ଛନ୍ନ ହୋଇଯାଏ। ସ୍ୱତନ୍ତ୍ର ଓ ସାବଲୀଳ ଶୈଳୀରେ ଗପ ଲେଖି ପାଠକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିବା ଗାଳ୍ପିକ ହେଉଛନ୍ତି 'ଦେବବ୍ରତ ମଦନରାୟ'। ତାଙ୍କ ସହ ଏଥରର 'ଅଳ୍ପ ଆଳାପ'।*



ଅଳ୍ପ ଆଳାପ

**ଆଜିର ଡିଜିଟାଲ ଦୁନିଆରେ ସାହିତ୍ୟ ନିଜର ସ୍ଥିତି ସୁଦୃଢ଼ ରଖିବାରେ କେତେ ସମର୍ଥ?**

ସର୍ଜନା କ୍ଷେତ୍ରରେ ସନ୍ତୁଷ୍ଟ କିମ୍ବା ଅସନ୍ତୁଷ୍ଟ ଭାବ ପ୍ରଶ୍ନଟି ବିମୁଖତାଆଡ଼କୁ ଆକର୍ଷିତ କରିପାରେ। ସ୍ରଷ୍ଟା କିଛି ଭିନ୍ନ ଅନୁଭବ କରୁଥିବାରୁ ସେ ସର୍ଜନା କରେ। ଆମ୍ବଗଛର ବଉଳ ପ୍ରତ୍ୟେକ ମଣିଷକୁ ବାସ୍ନାମୟ କରିଦେଇପାରେ, ମାତ୍ର ପ୍ରତ୍ୟେକ ମଣିଷ ନିଜ ଭିତରେ ବାସ୍ନାମୟ ହେବା ସମ୍ଭବ ନୁହେଁ। କେବଳ ସ୍ରଷ୍ଟା ହିଁ ଏହି ମୁଗ୍ଧ ଅନୁଭବରେ ସମାଧିସ୍ଥ ହୁଏ। ଶବ୍ଦକୁ ଖୋଜେ, ସୃଷ୍ଟି କରିପାରେ ଦିବ୍ୟ ଭାଗବତ।

**ଗାଳ୍ପିକ/ଔପନ୍ୟାସିକ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଆପଣଙ୍କୁ କିପରି ଲାଗେ? ଆପଣଙ୍କୁ ଭଲ ଲାଗିଥିବା ତାଙ୍କର ଗୋଟେ ଚମତ୍କାର ଗଳ୍ପର ନାମ ଓ କାହିଁକି ଭଲ ଲାଗେ, ସେ ନେଇ 'ଏକମାତ୍ର'ର ପାଠକଙ୍କୁ ଚୁମ୍ବକରେ ଜଣାଇବେ କି?**

ରାମଚନ୍ଦ୍ର ବେହେରାଙ୍କ ସୃଷ୍ଟି ସହ ମୋର କୋମଳ ସମ୍ପର୍କ। 'ନବଲିପି' ପତ୍ରିକାରେ ପ୍ରକାଶିତ ହୋଇ ପାଠକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ତାଙ୍କର ଅନେକ ଗଳ୍ପ ଏବଂ ଉପନ୍ୟାସ ପଢ଼ିସାରିଛି। ୨୦୧୫ ମସିହା ପୂଜାସଂଖ୍ୟାରେ ପ୍ରକାଶିତ ହୋଇଥିବା 'ନୀରବ ବିସ୍ଫୋରଣ' ଗଳ୍ପଟି ଆଲୋଚନାର ପରିସରକୁ ନେଉଛି। ଭଲ ଲାଗିଥିବା ହେତୁ ନୁହେଁ, ବରଂ ଅନନ୍ୟ ଅନୁଭବ ପାଇଁ। ଭାବେ ଆଲୋକ ରଞ୍ଜନଙ୍କ ବକ୍ତବ୍ୟ ପ୍ରତ୍ୟେକ କଥାକାରଙ୍କ ନୁହେଁ ତ! ଭଲ ପାଇବାର ମହନୀୟ ଦିଗ ପ୍ରତି ସ୍ରଷ୍ଟା କେତେକ ମନନଶୀଳ, ତାହା ବୁଝିହୁଏ। ନହେଲେ ସେ କ'ଣ କହିପାରିଥାନ୍ତେ,- ଏ ଦୁହେଁ ପରସ୍ପରକୁ ଚାହିଁରହିଲେ ଏବଂ ସେମାନଙ୍କ ନିରବତା ଭାଷାମୟ ହୋଇଗଲା! ସମାଲୋଚକ ବନ୍ଧୁ କହିପାରନ୍ତି ବୋଧେ ଆଉ ଆବଶ୍ୟକତା ନଥିଲା ଏହାପରେ ଗପର ସଂପ୍ରସାରଣ, ମାତ୍ର ଉପସଂହାର ଏତେ ନୀରବ ବିସ୍ଫୋରଣର ଅପେକ୍ଷା କରିପାରେ, ତାହା ହିଁ ହେଉଛି ଏହି ଗପର ଏକ ବିସ୍ମୟ।

**ସାହିତ୍ୟ କ୍ଷେତ୍ରରେ ଏବେ ପ୍ରଦାନ କରାଯାଉଥିବା ବିଭିନ୍ନ (ସରକାରୀ/ବେସରକାରୀ) ପୁରସ୍କାର ଏବେ ପ୍ରାୟତଃ ଫିକ୍ସିଂ ହେଉଛି ଏବଂ ତାହା ତିରସ୍କାରରେ ପରିଣତ ହେଲାଣି ବୋଲି ସାଧାରଣ ପାଠକ କହିଲେଣି। ଏପରି ଧାରଣାର ହେତୁ କ'ଣ? ଯଦି ଏହା ସତ ହୋଇଥାଏ, ଏସବୁ ପାଇଁ କିଏ ଦାୟୀ ବୋଲି ଆପଣ କହିବେ?**

ଏପରି ସୌଭାଗ୍ୟହୀନ ମୁହୂର୍ତ୍ତକୁ ମୁଁ କେବେ ମୁହାଁମୁହିଁ ହୋଇନାହିଁ। ତେଣୁ ମନ୍ତବ୍ୟ ଦେବା ମୋ ପାଇଁ ସହଜ ନୁହେଁ। ସାହିତ୍ୟ ସାଧନାରେ ତଲ୍ଲୀନ ହେବା କଥାଟି କେବଳ ପରମ ସୌଭାଗ୍ୟ।

**ଆପଣଙ୍କୁ ଭଲ ଲାଗିଥିବା, ପ୍ରକାରାନ୍ତରେ ପ୍ରଭାବିତ କରିଥିବା ଓଡ଼ିଆ ସାହିତ୍ୟର ୧୦ ଜଣ ସ୍ରଷ୍ଟାଙ୍କ ନାମ ଏବଂ ସେମାନଙ୍କର କେଉଁ ବହି ବା ଗଳ୍ପ/କବିତା ଆପଣଙ୍କୁ ଭଲ ଲାଗିଛି, ସେ ବିଷୟରେ ଏକ ନିରପେକ୍ଷ ମତାମତ ରଖିବେ କି?**

ପ୍ରଭାବିତ କରିବା କଥାଟି କେବେହେଲେ ଗ୍ରହଣୀୟ ନୁହେଁ, ବରଂ ମତେ ଅନେକ ବହି ଭଲ ଲାଗିଛି, ପଢ଼ି ଅଭିଭୂତ ହୋଇଛି। ସେହି ବହିଗୁଡ଼ିକୁ ସମୟ ମିଳିଲେ, ପୁନର୍ବାର ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଛି। ବହିଗୁଡ଼ିକ ହେଉଛି : ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ', ଜୟନ୍ତ ମହାପାତ୍ରଙ୍କ 'କହିବି ଗୋଟିଏ କଥା', ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୁଢ଼', ମନୋଜ ଦାସଙ୍କ 'ସମୁଦ୍ର କୂଳର ଏକ ଗାଆଁ', ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଶୈଳକଳ୍ପ', ନୃସିଂହ ତ୍ରିପାଠୀଙ୍କ 'ଲାବଣ୍ୟବତୀ', ରାମଚନ୍ଦ୍ର ବେହେରାଙ୍କ 'ଗୋପପୁର', ତରୁଣକାନ୍ତି ମିଶ୍ରଙ୍କ 'ଆକାଶ ସେତୁ', ପାରମିତା ଶତପଥୀଙ୍କ 'ନାରୀକବି ଓ ଅନ୍ୟମାନେ', ସହଦେବ ସାହୁଙ୍କ 'ମୌସୁମୀର ପ୍ରଥମ ବର୍ଷା', କ୍ଷୀରୋଦ ଦାସଙ୍କ 'ଅନ୍ଧାରର ଆତ୍ମଲିପି ଓ ବିଜୟଲକ୍ଷ୍ମୀ ପରିଡ଼ାଙ୍କ 'ସଞ୍ଜହେଲେ ବର୍ଷା'।

*ଉପସ୍ଥାପନା : **ପ୍ରତ୍ୟୁଷ ପିୟୁଷ ମହାନ୍ତି***

**ଗତ ସଂଖ୍ୟାରେ 'ଅଳ୍ପ ଆଳାପ'ର କିଛି ଅଂଶ ପ୍ରକାଶିତ ହୋଇପାରୁ ନଥିବାରୁ ପୁନର୍ବାର ଏହା ସମ୍ପୂର୍ଣ୍ଣ ପ୍ରକାଶ କରାଗଲା।**

# ଖେଳୁଆଡ଼

ଡକ୍ଟର ଶ୍ରୀହରି ଧଳ

ଜଙ୍ଗଲରୁ
ଏଥର ଜନପଦକୁ
କଳଙ୍କରୁ କଳାକୁ।
ହିଂସ୍ର ଖେଳଠୁ
କବିତା ଆଡ଼କୁ।
ବାଘ ଚମତ୍କାର ଖେଳୁଆଡ଼
ଥାଏ
ଖଚଖଚ୍ ଦର୍ଶକ ମଝିରେ।
କେବେ ବାଘପିଠିରେ ଛେଳିତ
କେବେ ଈଶ୍ୱରୀ।
ଥାଏ ବାଘମୁଠାରେ ପତାକା
ଓଠରେ-
ଦେଶ ବନ୍ଦନା
ବାଘ ଡ୍ରଇଂରୁମ୍‌କୁ।
ତୈଳ ଚିତ୍ରରେ-
ଲଟକିଥିବା ଦୃଶ୍ୟ ଭିତରକୁ।
ପୁଣି ଦେହରେ-
ଥାଏ ନାମାବଳି
ଓଠରେ ଧର୍ମକଥା
ହାତରେ କଙ୍କଣ
ବାଘ ଘଟେ
ସମ୍ବାଦ ପୃଷ୍ଠାରୁ ରକ୍ତ ଛିଟା
ଗାଳେ ଦୃଶ୍ୟହୀନ
ଲୁହ।
ବାଢେ ବିବୃତ୍ତି
କାଲି ଅନ୍ଧାରରେ-
ଚିରିଯାଇଛି
ମାସୁମ୍ ଫୁଲ ଛାତି।
ଏ କାମ ନିଶ୍ଚେ
ମାଓବାଦୀର,-
ଏଥର କମ୍ବିଂ,-
ଧରିବାକୁ ହେବ ଗୋଟେ-
ନରଖାଦକ।
ଯଦିଓ ମେକ୍‌ପ ଛଡ଼ାଏ-
ଅନ୍ଧାରରେ
ଘଲାକ୍ ବାଘ।
ଶୁଖି ନଥାଏ ନଖ ଦାନ୍ତରୁ
ରକ୍ତ ଦାଗ।

*ରିଡର*
*ବରୁଣେଶ୍ୱର ନରେଜ*
*ଅରେଇ, ଯାଜପୁର*

# ମୁଠାଏ ଆଲୋକର ଅପେକ୍ଷାରେ

ଶିବ ଶଙ୍କର ଦାସ

କେବେଠୁ
ମୁଁ ଅପେକ୍ଷା କରିଛି,
ମୁଠାଏ ଆଲୋକର
ଆସିବା ବାଟକୁ,
ମହାକାଶର ଛାତିରେ
ଉଙ୍କି ମାରୁଥିବା
ଦୁଇଟି ଅଦୃଶ୍ୟ ପାପୁଲିରୁ,
ଆଲୋକିତ କରିବା ପାଇଁ
ନିଷ୍ଠୁର ମଣିଷର
ହୃଦୟକୁ, ମନକୁ
ଅପସାରିବା ପାଇଁ
କାମ, କ୍ରୋଧ, ହିଂସା ଆଉ ଲୋଭର
ବହଳ ତମସାକୁ।
ଏବେ ତ ଚାରିଆଡ଼େ
କେବଳ
ପରସ୍ତ ପରସ୍ତ ଅନ୍ଧାର!
ମଞ୍ଜିଟିଏ
ଗଛ ହେବା ପୂର୍ବରୁ,
କିଏ ଜାଣେ
ଦଳି ଚକଟି ନଷ୍ଟ କରି ଦେଉଛି
ମାରି ଦେଉଛି ବିନା ଦ୍ୱିଧାରେ!!
ଗଛ ହେଲା ପରେ ବି,
କିଏ ଜଣେ
ବିକି ଦେଉଛି
ଗୋଟେ ପାର୍ଥିବ ବସ୍ତୁ ପରି
ଆଉ କାହାକୁ,
କେଇଟା ପଇସାର ଲୋଭରେ,
ନିଜ ଛାତିରେ ଚାପି ଧରି
ତା' ହୃଦୟର
ଅବ୍ୟକ୍ତ କୋହକୁ।
ଏବେ ତ,
କାହାର ପାଦ ଦୁଇଟା
ଝୁଲୁଥାଏ ଶୂନ୍ୟରେ,
ମୁଠା ମୁଠା ପବନରେ,
ଗୋଟେ ଉଜୁଡ଼ା କ୍ଷେତର
ଠିକ୍ ମଝିରେ,
ପୁଣି,
କିଏ ଜଣେ କାନ୍ଦୁଥାଏ
ଗୁମୁରି ଗୁମୁରି,
ମେଞ୍ଚାଏ ଅନ୍ଧାର ଛାତିରେ
ନିଜ ମୁହଁକୁ ଜାକି,
କେଉଁ ଏକ
ଅଜଣା ଅମୁହାଁ ଗଳିରେ
ଅର୍ଦ୍ଧ ରାତ୍ରିରେ
କେହି ଜଣେ ଲୁଟେରା
ତା'ର ସବୁକିଛି
ଲୁଟି ନେଲା ପରେ।
ହଁ
ମୁଁ ଅପେକ୍ଷା କରିଛି
ମୁଠାଏ ଆଲୋକର
ଆସିବା ବାଟକୁ,
ଶୂନ୍ୟରୁ କି,
ମହାଶୂନ୍ୟର ଛାୟାପଥରୁ,
ଆଲୋକିତ କରିବା ପାଇଁ
ଏ ତମସାଚ୍ଛନ୍ନ ପୃଥିବୀକୁ,
ନିଷ୍ଠୁର ମଣିଷର ହୃଦୟକୁ......।

*ବିଭାଗୀୟ ମୁଖ୍ୟ,*
*ପ୍ରାଣୀ ବିଜ୍ଞାନ ବିଭାଗ,*
*ହିନ୍ଦୋଳ ମହାବିଦ୍ୟାଳୟ,*
*ଖଜୁରିଆ କଟା,*
*ଢେଙ୍କାନାଳ-୨୦*








# ସ୍ମାର୍ଟ ସିଟି ପାଇଁ ମଞ୍ଜୁର ହେଲା ୧୦୦କୋଟିରୁ ଅଧିକ ଅର୍ଥ



**ଭୁବନେଶ୍ୱର :** ଭୁବନେଶ୍ୱର ସ୍ମାର୍ଟ ସିଟିର ବିଭିନ୍ନ ପ୍ରକଳ୍ପ ସକାଶେ ଅର୍ଥ ମଞ୍ଜୁର କ୍ଷମତା ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ ଷ୍ଟିୟରିଂ କମିଟିକୁ ଅର୍ପଣ କରାଯାଇଛି। ସ୍ମାର୍ଟ ସିଟି ନିମନ୍ତେ ୧୦୦ କୋଟି ଟଙ୍କା ବା ତଦୁର୍ଦ୍ଧ୍ୱ ପରିମାଣର ଅର୍ଥ ମଞ୍ଜୁର କ୍ଷମତା ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ନିଷ୍ପତ୍ତି କ୍ରମେ ପ୍ରଦାନ କରାଯିବ। ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ପ୍ରକଳ୍ପ ବାବଦ ଅର୍ଥ ଅନୁମୋଦନ ନିଷ୍ପତ୍ତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନେବାକୁ ପଡ଼ିବ। ଭୁବନେଶ୍ୱର ସ୍ମାର୍ଟ ସିଟି ଦ୍ୱାରା ୧୦୦କୋଟି ଟଙ୍କା ବା ତଦୁର୍ଦ୍ଧ୍ୱ ଅର୍ଥ ମଞ୍ଜୁର ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ୧୦୦କୋଟି ବା ଏହାଠୁ ଅଧିକ ପରିମାଣର ଟେଣ୍ଡର କେବଳ ରାଜ୍ୟ କ୍ୟାବିନେଟର ଅନୁମୋଦନ ପରେ ହିଁ ଚୂଡ଼ାନ୍ତ ହେବ। ଏହାଛଡ଼ା ସବୁ ପ୍ରକାର ସରକାରୀ ଘରୋଇ ସହଭାଗିତାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପର ଅନୁମୋଦନ ଓଡ଼ିଶା ପବ୍ଲିକ ପ୍ରାଇଭେଟ ପାର୍ଟନରସିପ୍ ନୀତି ୨୦୦୭ ଅନୁସାରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ଭିତ୍ତିଭୂମି କ୍ଷମତାପନ୍ନ କମିଟି ଅନୁମୋଦନ କରିବ। ତେବେ ସ୍ମାର୍ଟ ସିଟି ମିଶନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ପରେ ଏ ପ୍ରକାର କ୍ଷମତା ଆଉ ବଳବତ୍ତର ରହିବ ନାହିଁ। ଏଥିନେଇ ଅର୍ଥବିଭାଗର ସ୍ୱୀକୃତି କ୍ରମେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଜୁ ଗାଁ ଗାଡ଼ି ଯୋଜନା ଟପିଲାଣି ୧କୋଟି କ୍ଷତି





**ଭୁବନେଶ୍ୱର :** ମାଓବାଦୀ ପ୍ରବଣ ଜିଲ୍ଲା ଗୁଡ଼ିକରେ ବିଜୁ ଗାଁ ଗାଡ଼ି ଯୋଜନାରେ ଚାଲିଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବସ୍ ଗୁଡ଼ିକ କ୍ଷତିରେ ଚାଲିଛି। କ୍ଷତିରୁ ବର୍ତ୍ତିବା ପାଇଁ ଏବେ ସରକାରଙ୍କ ପକ୍ଷରୁ ବିକଳ୍ପ ବାଟ ଖୋଜା ଚାଲିଛି। ହେଲେ ସରକାରଙ୍କୁ ସେ ବିକଳ୍ପ ମିଳୁନି।

ବସ୍ ଚାଲୁଥିବା ରୁଟ୍ ଗୁଡ଼ିକରେ ଯଦି କ୍ଷତି ହେଉଥାଏ ତେବେ ରୁଟ୍ ପରିବର୍ତ୍ତନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିଗମ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରିବହନ ବିଭାଗ ଚିଠିରୁ ଜଣାପଡ଼ିଛି ଯେ, ଗ୍ରାମାଞ୍ଚଳକୁ ପରିବହନ ସୁବିଧା ପାଇଁ ପ୍ରଚଳନ କରିଛନ୍ତି ଗ୍ରାମ୍ୟ ସଂଯୋଗୀକରଣ ଯୋଜନା। ଏହି ଯୋଜନାରେ ଗ୍ରାମାଞ୍ଚଳକୁ ବିଜୁ ଗାଁ ଗାଡ଼ି ଜରିଆରେ ଯାତ୍ରୀ ପରିବହନ କରାଯାଉଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବିଜୁ ଗାଁ ଗାଡ଼ି ଯୋଜନାରେ ବସ୍ ଚଳାଚଳର ଦାୟିତ୍ୱ ନେଇଛି। ବିଶେଷ କରି ମାଓବାଦୀ ପ୍ରବଣ ଅଞ୍ଚଳକୁ ବସ୍ ସେବାପାଇଁ ଗୃହ ବିଭାଗ ଦ୍ୱାରା ୭୦ଟି ରୁଟ୍ ଚିହ୍ନଟ କରାଯାଇଥିଲା। ଏହି ଅର୍ଥରେ ଏପର୍ଯ୍ୟନ୍ତ ନିଗମ ଦ୍ୱାରା ୯୦ଟି ବସ୍ କିଣାଯାଇଛି। କିନ୍ତୁ ଗୃହ ବିଭାଗ ଦ୍ୱାରା ଚିହ୍ନଟ ରୁଟ୍‌ରେ ଚାଲିଥିବା ବସ୍ ଗୁଡ଼ିକ କ୍ଷତିରେ ଚାଲିଛି। ଏହି କାରଣରୁ ୫୭ଟି ବସ୍‌ରୁ ୨୦୧୬ ଶେଷ ସୁଦ୍ଧା ନିଗମର ୬୧ ଲକ୍ଷ ୪୭ହଜାର ଟଙ୍କା କ୍ଷତି ହୋଇଛି। କ୍ଷତିଭରଣ ପାଇଁ ଏହି ଯୋଜନାରେ କୌଣସି ବ୍ୟବସ୍ଥା ନାହିଁ। ତେଣୁ ବସ୍ ରୁଟ୍‌ଗୁଡ଼ିକର ପୂର୍ନ ନିର୍ଦ୍ଧାରଣ ନିମନ୍ତେ ପ୍ରସ୍ତାବ ପଠାଇବାକୁ ସ୍ୱତନ୍ତ୍ର ସଚିବ ନିଗମ ଅଧକ୍ଷକଙ୍କୁ ଅନୁରୋଧ କରିଥିଲେ। ଯେଉଁସବୁ ରୁଟ୍‌ରେ ବସ୍ ଚାଲିଲେ ଲୋକଙ୍କ ଯାତାୟତ ସହଜ ହେବ ଏବଂ ନିଗମ ପାଇଁ ଲାଭଜନକ ହେବ ସେଭଳି ରୁଟ୍ ଚିହ୍ନଟ କରିବାକୁ କୁହାଯାଇଥିଲା। ଏହି ପ୍ରସ୍ତାବ ମିଳିବା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏବେ କୌଣସି ନିଷ୍ପତ୍ତି ନେଇପାରୁନାହାନ୍ତି। ସରକାର ତିନୋଟି ପର୍ଯ୍ୟାୟରେ ବସ୍ କିଣିବା ପାଇଁ ୨୦୧୩-୧୪ ସୁଦ୍ଧା ୧୩କୋଟି ଟଙ୍କା ମଞ୍ଜୁର କରିଥିଲେ। ଏଥିରେ ଏପର୍ଯ୍ୟନ୍ତ ୯୦ଟି ବସ୍ କିଣାଯାଇଛି। ହେଲେ ବସ୍‌ଟି ପରମିଟ୍ ଫି, ଟିକସ ଓ ବୀମା ବାବଦରେ ଗତ ୪ବର୍ଷ ଭିତରେ କେତେ ଅର୍ଥ ଦିଆଯାଇଛି ସେ ବିଷୟରେ ନିଗମ ପକ୍ଷରୁ କୌଣସି ସୂଚନା ବିଭାଗ ନିକଟରେ ଦାଖଲ କରାଯାଇନାହିଁ।

# ମାର୍ଚ୍ଚରୁ ଆରମ୍ଭ ହେବ 'ଦମନ'

**ଭୁବନେଶ୍ୱର :** ରାଜ୍ୟରେ ମ୍ୟାଲେରିଆ ମୃତ୍ୟୁହାର କମିଛି। ୪ବର୍ଷ ମଧ୍ୟରେ ମୃତ୍ୟୁହାର ୪୦ ପ୍ରତିଶତରୁ ୨୮ପ୍ରତିଶତକୁ ହ୍ରାସ ପାଇଛି। ୨୦୧୩ ତୁଳନାରେ ୨୦୧୪, ୨୦୧୫ ଏବଂ ୨୦୧୬ରେ ମ୍ୟାଲେରିଆ ଜନିତ ମୃତ୍ୟୁହାର କମିଛି। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ରାଜ୍ୟରେ ମ୍ୟାଲେରିଆ ସ୍ଥିତି ସମୀକ୍ଷା କରିବା ପରେ ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ୨୦୧୩ରେ ରକ୍ତ ନମୁନା ସଂଗ୍ରହ ହାର ୧୧.୮୧% ଥିବାବେଳେ ୨୦୧୬ରେ ୧୬.୩୭%କୁ ବୃଦ୍ଧି ପାଇଛି। ମ୍ୟାଲେରିଆ ନିରାକରଣ ପାଇଁ ଅଧିକ ତତ୍ପରତା ପ୍ରକାଶ ଲାଗି ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚରୁ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ସକାଶେ ସ୍ୱତନ୍ତ୍ର ଯୋଜନା 'ଦମନ' ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିବାକୁ କୁହାଯାଇଛି। ସେହିପରି ଆସନ୍ତା ଏପ୍ରିଲରୁ ଔଷଧୀୟ ମଶାରି ବଣ୍ଟନ ଆରମ୍ଭ କରାଯିବ। ଦମନ କାର୍ଯ୍ୟକ୍ରମ ଓ ଔଷଧୀୟ ମଶାରି ବଣ୍ଟନ ନେଇ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯିବ। ଜିଲ୍ଲା ଏବଂ ବ୍ଲକ ସ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେହିପରି ରୋଗ ଚିହ୍ନଟ ପାଇଁ ପାଇଲଟ୍ ପ୍ରକଳ୍ପ ଭାବେ ୪ଟି ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ଏକ ନୂଆ ପ୍ରକାରର ଡିଜିଟାଲ ମାଇକ୍ରୋସ୍କୋପ ବ୍ୟବହାର ସମ୍ପର୍କରେ ସଚିବ ସମୀକ୍ଷା ବେଳେ ଆଲୋଚନା କରିଥିଲେ। ଏଥିଲାଗି ଡାକ୍ତରୀଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କମିଟିର ପରାମର୍ଶ ଅନୁଯାୟୀ ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ ନିର୍ଣ୍ଣୟ ନିଆଯିବ। ମ୍ୟାଲେରିଆ ରୋଗର ତୁରନ୍ତ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଗ୍ରାମାଞ୍ଚଳରେ ନିୟୋଜିତ ୪୫ ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀଙ୍କ ଦକ୍ଷତା ବୃଦ୍ଧି, ତୁରନ୍ତ ରୋଗ ନିରୂପଣ ନିମନ୍ତେ ଉନ୍ନତମାନର କିଟ୍ ଓ ନିରବଚ୍ଛିନ୍ନ ଔଷଧ ଯୋଗାଇ ଦିଆଯିବ। ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ପୁରୀ, କଟକ, ଖୋର୍ଦ୍ଧା, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଏବଂ ଭଦ୍ରକ ଆଦି ୮ ଜିଲ୍ଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୧%ରୁ କମ୍ ଥିବାରୁ ଏସବୁ ଜିଲ୍ଲାରୁ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଏପିଆଇ ୧ରୁ ୧୦% ମଧ୍ୟରେ ଥିବା ବରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, ନୟାଗଡ଼, ସୋନପୁର,



## ମୃତ୍ୟୁହାର କମିଛି ମ୍ୟାଲେରିଆରେ

ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା ଏବଂ ଢେଙ୍କାନାଳ ଆଦି ୯ ଜିଲ୍ଲାରେ ତୁରନ୍ତ ରୋଗ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନିତ୍ୱ କରାଯିବ। ଏପିଆଇ ୧୦%ରୁ ଅଧିକ ଥିବା ଅବଶିଷ୍ଟ ୧୩ ଜିଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯିବା ସହିତ ରୋଗବାହକ ମଶାରି ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଗର୍ଭବତୀ ମହିଳା ଓ ୫ ବର୍ଷରୁ କମ୍ ଶିଶୁମାନଙ୍କ କ୍ଷେତ୍ରରେ ମ୍ୟାଲେରିଆ ଅଧିକ ବିପଦପୂର୍ଣ୍ଣ ସାଜୁଥିବାରୁ ସେ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସଚିବ ଡା. ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ନିର୍ବାଚନୀ ହିଂସା ନେଇ ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ନିର୍ବାଚନ କମିଶନଙ୍କ ଚିଠି

**ଭୁବନେଶ୍ୱର :** ରାଜ୍ୟରେ ନିର୍ବାଚନୀ ହିଂସା ନେଇ ରାଜ୍ୟ ନିର୍ବାଚନ କମିଶନ ରବି ନାରାୟଣ ସେନାପତି ଆଜି ମୁଖ୍ୟଶାସନ ସଚିବ ଓ ପୋଲିସ୍ ଡିଜିଙ୍କୁ ଚିଠି ଲେଖିଛନ୍ତି। ନିର୍ବାଚନ ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ବେଳେ ଅନେକ ସ୍ଥାନରେ ନିର୍ବାଚନ ପରେ ନିର୍ବାଚନୀ ହିଂସା ଘଟୁଛି ବୋଲି କମିଶନ ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ସହ ଭୋଟର, ପୋଲିଂ ଓ ପାର୍ଟି ଓ ପ୍ରାର୍ଥୀଙ୍କୁ ସୁରକ୍ଷା ଏବଂ ହିଂସାକାଣ୍ଡ ରୋକିବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ କର୍ମଚାରୀମାନେ ରାଜନୈତିକ ସମ୍ପୃକ୍ତି ଅଭିଯୋଗ ହେଉଥିବା ଆଦି ଅନିୟମିତତା ରୋକାଯାଉ ବୋଲି କମିଶନ ଚିଠିରେ ଲେଖିଛନ୍ତି।

# ବଙ୍ଗୀୟ ନାୟିକାଙ୍କ ବୟାନ ରେକର୍ଡ



**ଭୁବନେଶ୍ୱର :** ଚଳଚ୍ଚିତ୍ରରେ ସୁଯୋଗ ଦେବାକୁ କହି ଜଣେ ବଙ୍ଗୀୟ ଯୁବତୀଙ୍କୁ ଶାରୀରିକ ନିର୍ଯାତନା ଦେବା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ଆଉ ଗୋଟିଏ ପାଦ ଆଗକୁ ଯାଇ ନିର୍ଯାତନାର ଶିକାର ହୋଇଥିବା ନାୟିକାଙ୍କର କୋର୍ଟରେ ପୁଲିସ ୧୬୪ ସିଆର୍‌ପିସିରେ ବୟାନ ରେକର୍ଡ କରିଛି। ତେବେ କୋର୍ଟରେ ବୟାନ ଦେବା ପରେ ନାୟିକା ଜଣକ କଲିକତା ଚାଲିଯାଇଛନ୍ତି ସେଠାରେ ସେ ଅଭିଯୋଗ କରିଥିବା ପ୍ରଯୋଜକ-ବ୍ୟବସାୟୀ ବିରାଟ ମହାପାତ୍ରଙ୍କ ସମ୍ପର୍କରେ ରଖିଥିବା କାଗଜପତ୍ର ଆଣିବାକୁ ଯାଇଥିବା ସୂଚନା ମିଳିଛି। ଗତ ୧୩ ତାରିଖରେ ବଙ୍ଗୀୟ ନାୟିକା ଜଣକ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରଦିନ ଅର୍ଥାତ ୧୪ ତାରିଖରେ ପୁଲିସ ତାଙ୍କର ଥାନାରେ ୧୬୧ ସିଆର୍‌ପିସି ଅନୁସାରେ ବୟାନ ରେକର୍ଡ କରିଥିଲା। ଏହି ବୟାନ ଅନୁସାରେ ପୁଲିସ ତାର ତଦନ୍ତ ଆରମ୍ଭ କରିବା ସହ ଯୁବତୀଙ୍କୁ କୋର୍ଟକୁ ନେଇ ତାଙ୍କର ବୟାନ ରେକର୍ଡ କରିଥିଲା। ବିରାଟଙ୍କ ସହ ତାଙ୍କର କେବେ ଓ କାହା ଜରିଆରେ ଦେଖା ହେଲା, ବିରାଟ ତାଙ୍କୁ କ'ଣ କହି ଓଡିଶା ଆଣିଥିଲେ, ଏଠାରେ କେବେ ବିରାଟ ତାଙ୍କୁ ବାହା ହେଲେ ଓ ବିରାଟ ଦେଉଥିବା ନିର୍ଯାତନା ବାବଦରେ ସେ ଅନ୍ୟ କାହାକୁ କହିଥିଲେ କି ନାହିଁ ସେନେଇ ସେ ତାଙ୍କ ବୟାନ କୋର୍ଟରେ ରଖିଥିବା ଜଣାପଡିଛି।

# +୩ ପାଠ୍ୟକ୍ରମରେ ଗ୍ରେଡ୍ ଲାଗୁ ହେବ

**ଭୁବନେଶ୍ୱର:** ରାଜ୍ୟର ଡିଗ୍ରୀ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ଗୁଡ଼ିକରେ ସଂସ୍କାର ଅଣାଯାଇଛି ଯାହାଦ୍ୱାରା ମାର୍କ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଗ୍ରେଡ଼ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଯାହା ଉଭୟ ଅନର୍ସ ଓ ପାସ୍ ଛାତ୍ରଛାତ୍ରୀଙ୍କ ଲାଗି ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅପରପକ୍ଷରେ ରାଜ୍ୟର ସମସ୍ତ ଡିଗ୍ରୀ ଓ ସ୍ୱୟଂଶାସିତ କଲେଜଗୁଡ଼ିକରେ ସିବିସିଏସ୍ ପଦ୍ଧତିରେ ପାଠପଢ଼ା ଆରମ୍ଭ ହୋଇସାରିଛି ଓ ଏହା ବିଭିନ୍ନ କଲେଜ୍‌ରେ ସିବିସିଏସ୍ ପଦ୍ଧତିରେ ପ୍ରଥମ ସେମିଷ୍ଟାର ପରୀକ୍ଷା ଶେଷ ହୋଇଛି। ଏଣିକି ପରୀକ୍ଷାଖାତା ମୂଲ୍ୟାୟନ କରାଯାଇ ପରୀକ୍ଷାଫଳରେ ମାର୍କ ବଦଳରେ ଗ୍ରେଡ ପ୍ରଦାନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛନ୍ତି। ଏହାଲାଗୁ ହେବାଦ୍ୱାରା ପ୍ରି ଡିଗ୍ରୀ ଓ ଫାଇନାଲ ଡିଗ୍ରୀ ପରୀକ୍ଷା ଉଚ୍ଛେଦ କରାଯାଇଛି। +୩ରେ ୬ଟି ସେମିଷ୍ଟାର ପରୀକ୍ଷା କରାଯିବ ଏବଂ ପ୍ରତ୍ୟେକ ସେମିଷ୍ଟାରରେ ଛାତ୍ରଛାତ୍ରୀ ରଖିଥିବା ମାର୍କକୁ ଆଧାର କରି ଗ୍ରେଡେସନ୍ କରାଯିବ। +୩ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀ ପ୍ରତି ବର୍ଷ ପରୀକ୍ଷା ଦେବେ। ପରୀକ୍ଷା ବ୍ୟବସ୍ଥାରେ ବି ପରିବର୍ତ୍ତନ ହେବ। ଦୀର୍ଘମୂଳକ ପରିବର୍ତ୍ତେ ସଂକ୍ଷିପ୍ତକୁ ଗୁରୁତ୍ୱ ଦିଆଯିବ। ୯୫% ରୁ ଅଧିକ ରହିଲେ ଏ++, ୯୦%ରୁ ୯୪% ମଧ୍ୟରେ ଏ+, ୮୦%ରୁ ୮୯% ମଧ୍ୟରେ ବି++, ୭୫% ମଧ୍ୟରେ ମାର୍କ ରହିଲେ ବି+ ଗ୍ରେଡେସନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏତଦବ୍ୟକ୍ତିତ +୩ କଲେଜ ଶିକ୍ଷା ବ୍ୟବସ୍ଥା ଓ ଏହାର ଭିତ୍ତିଭୂମି କିଭଳି ଉତ୍କୃଷ୍ଟମାନର ହୋଇପାରିବ ସେଥିପାଇ ପର୍ଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ଡିଗ୍ରୀ କଲେଜରେ ଚଏସ୍ କ୍ରେଡିଟ୍ ସିଷ୍ଟମ(ସିବିସିଏସ୍) ଲାଗୁ କରାଯାଇଛି। ଯାହାଦ୍ୱାରା ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପାଠ୍ୟକ୍ରମ ସହ ଅନ୍ୟ ବିଷୟ ପଢ଼ିବାର ସୁଯୋଗ ପାଉଛନ୍ତି। ସୂଚନାଅନୁସାରେ ରାଜ୍ୟରେ ଥିବା ୭୮୮ ଡିଗ୍ରୀ କଲେଜ ଓ ୩୬ଟି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏହାକାର୍ଯ୍ୟକାରୀ କରିବାକୁ ଯାଉଛି।

# ଦେବ୍ରାଜ ପାଇବେ 'କଥା କଳିକା' ସମ୍ମାନ




**ଭୁବନେଶ୍ୱର :** ଦୈନିକ 'ସମ୍ବାଦ କଳିକା' ପ୍ରକାଶନ ପକ୍ଷରୁ ପ୍ରକାଶିତ ସମ୍ଭ୍ରାନ୍ତ ଗଳ୍ପ ପତ୍ରିକା ' କଥା କଳିକା'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଚଳିତବର୍ଷ ବିଶିଷ୍ଟ ଔପନ୍ୟାସିକ ଦେବ୍ରାଜ ଲେଙ୍କାଙ୍କୁ 'କଥା କଳିକା' ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ମାର୍ଚ୍ଚ ୧୨ରେ ହେବାକୁ ଥିବା ଏହି ଉତ୍ସବରେ ଦେବ୍ରାଜଙ୍କୁ ଜୀବନବ୍ୟାପୀ ସାହିତ୍ୟ ସାଧନା ଲାଗି ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ ସହିତ ଗାଳ୍ପିକ ବିଭାସ କାନୁନ୍‌ଗୋଙ୍କୁ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର, ଗାଳ୍ପିକ ପରେଶ ପଟ୍ଟନାୟକଙ୍କୁ ରବୀନ୍ଦ୍ରନାଥ ରାୟ ସ୍ମୃତି ପୁରସ୍କାର, ବ୍ରହ୍ମାନନ୍ଦ ବିଶ୍ୱାଳଙ୍କୁ ସୁପ୍ରଭା ରାୟ ଅନୁବାଦ ପୁରସ୍କାର, ଗାଳ୍ପିକା କମଳା ଶତପଥୀ, ଅଜୟ ମହାପାତ୍ର, ଦିଲୀପ କୁମାର ଚୌଧୁରୀ, ପରମିତା ସାହୁ ଓ ସ୍ୱାଗତିକା ସେଠୀଙ୍କୁ କଥା କଳିକା ଯୁବ ପ୍ରତିଭା ପୁରସ୍କାର ପ୍ରଦାନ କରାଯିବ। ଏଥିସହିତ ପିସ୍‌ଫ୍ଲୁଟ୍ ଫାଉଣ୍ଡେସନ, ଗୁଜରାଟ ପକ୍ଷରୁ କଥା କଳିକାରେ ପ୍ରକାଶିତ ଗଳ୍ପ ପାଇଁ ଦେବେନ୍ଦ୍ର ନାଥ ଭୂୟାଁ, ନିମାଁଇ ଚରଣ ଦାସଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି 'ସମ୍ବାଦ କଳିକା' ତଥା 'କଥା କଳିକା'ର ସମ୍ପାଦକ ଜୟାଶିଷ ରାୟ ଜଣାଇଛନ୍ତି।

# ବୋଟ ଗୁଡ଼ିକୁ ଆଧୁନିକୀକରଣ କରାଯିବ

**ଭୁବନେଶ୍ୱର :** ତଟ ସୁରକ୍ଷା ନେଇ ଏକ ସମୀକ୍ଷା ବୈଠକ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ହୋଇଯାଇଛି। ଏଥିରେ ଗୃହ ସଚିବ ଅସିତ ତ୍ରିପାଠୀ ଯୋଗଦେଇ କହିଥିଲେ, "ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ନିୟୋଜିତ ଥିବା ବୋଟ ଗୁଡ଼ିକ ଉପଯୁକ୍ତ ନୁହେଁ। ଏହାକୁ ଆଧୁନିକୀକରଣ କରାଯିବା ଦରକାର ଏଥିପାଇଁ ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ରକୁ ଅବଗତ କରାଯାଇଛି। ତଟ ସୁରକ୍ଷା ପାଇଁ ରାଜ୍ୟରେ ଏବେ ୧୮ ଟି ସମୁଦ୍ରକୂଳ ଥାନାରେ ୧୩ଟି ବୋଟ ରହିଛି। ତଟ ସୁରକ୍ଷା ପାଇଁ ନୈବାହିନୀ ଓ କୋଷ୍ଟଗାର୍ଡମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟର ପ୍ରାୟ ୨ ଲକ୍ଷ ୬୦ ହଜାର ମତ୍ସ୍ୟଜୀବୀଙ୍କୁ ପରିଚୟପତ୍ର ଦିଆଯାଇଛି। ଖୁବ୍‌ଶୀଘ୍ର ଆଉ ୪୦, ହଜାର ପରିଚୟପତ୍ର ଯୋଗାଇ ଦିଆଯିବ।

# ପାଟକୁରାରେ ବାଜି ମାରିଲା ବିଜେପି



**କେନ୍ଦ୍ରାପଡ଼ା :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରାରେ ବିଜେପି ସମର୍ଥିତ ପ୍ରାର୍ଥୀମାନେ ବାଜିମାତ କରି ଜିଲ୍ଲା ପରିଷଦ ସଭ୍ୟ ପଦ ହାସଲ କରିଛନ୍ତି। ଏଠାରେ ଥିବା ୭ଟି ଜିଲ୍ଲା ପରିଷଦ ସଭ୍ୟ ପଦ ମଧ୍ୟରୁ ବିଜେପି ସମର୍ଥନରେ ନିର୍ବାଚନ ଲଢ଼ିଥିବା ୫ଜଣ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ ନମ୍ବର ଜୋନ୍‌ରୁ ସନ୍ତୋଷ କୁମାର ଜେନା, ୧୧ ନମ୍ବର ଜୋନ୍‌ରୁ ଅହଲ୍ୟା ଲେଙ୍କା, ୧୪ ନମ୍ବର ଜୋନ୍‌ରୁ ନମିତା ବଳ ଏବଂ ୨୪ ନମ୍ବର ଜୋନ୍‌ରୁ ସାଗରିକା ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ୧୦ ନମ୍ବର ଜୋନ୍‌ରୁ ସାବିତ୍ରୀ କୁଣ୍ଡୁ ଜିତିଥିଲା ବେଳେ ଏଠାରେ ବୁଥ୍ ପୋଡି ଘଟଣା ଘଟିଥିଲା ଏବଂ ପରେ ପୁନଃ ଭୋଟ ଗ୍ରହଣ କରାଯାଇଛି। ଏଥର ଏଠାରେ ପଞ୍ଚାୟତ ନିର୍ବାଚନ ପ୍ରଚାର ସମୟରେ ବିଜେପି ପ୍ରତି ସ୍ଥାନୀୟ ଲୋକଙ୍କ ଅକୁଣ୍ଠ ସମର୍ଥନ ଥିବା ଜଣାପଡୁଥିଲା। ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର, ପୂର୍ବତନ ଲୋକସଭା ସାଂସଦ ପ୍ରାର୍ଥୀ ବିଷ୍ଣୁ ପ୍ରସାଦ ଦାସଙ୍କ ସମତେ ବିଜେପି ନେତା ଇଂ. ମାନସ ମହାନ୍ତି ମଧ ପ୍ରଚାର ମଇଦାନକୁ ଓହ୍ଲାଇ ସାଧାରଣ ଲୋକଙ୍କ ସୁଖଦୁଃଖ ବୁଝିବା ସହ ଘରକୁ ଘର ବୁଲି ଅଞ୍ଚଳର ବିକାଶ ପାଇଁ ବିଜେପି ଏକମାତ୍ର ବିକଳ୍ପ ଦଳ ବୋଲି ଲୋକଙ୍କୁ ବୁଝାଇଥିଲେ। ଯାହାର ସୁଫଳ ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରକଟିତ ହୋଇଛି। କେନ୍ଦ୍ରରେ ନରେନ୍ଦ୍ର ମୋଦି ଦେଶର ଗରିବ ଲୋକଙ୍କ ପାଇଁ କରିଥିବା ଯୋଜନା ସମ୍ପର୍କରେ ଲୋକେ ଅବଗତ ହେବା ଦ୍ୱାରା ଏଭଳି ସଫଳତା ମିଳିପାରିଲା ବୋଲି ପ୍ରକାଶ କରିଛନ୍ତି ଇଂ.ମାନସ ମହାନ୍ତି। ଏଥିସହ ଇଂ.ମହାନ୍ତି ଭୋଟରମାନଙ୍କୁ ବିଜେପି ପ୍ରତି ସେମାନଙ୍କ ଦୃଢ଼ ବିଶ୍ୱାସ ଓ ଭରସା ପାଇଁ କୃତଜ୍ଞତା ଜଣାଇଛନ୍ତି।

# ଭୁବନେଶ୍ୱରରୁ ମାଲେସିଆକୁ ସିଧାସଳଖ ବିମାନ ଚଳାଚଳ ପାଇଁ ଏମଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର :** ଭୁବନେଶ୍ୱରକୁ ମାଲେସିଆକୁ ସିଧାସଳଖ ବିମାନ ଚଳାଚଳ କରିବା ପାଇଁ ରାଜ୍ୟ ସରକାର ଓ ଏୟାର ଏସିଆ ମଧ୍ୟରେ ଆଜି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଯାହାଦ୍ୱାରା ଭୁବନେଶ୍ୱରରୁ ମାଲେସିଆ ରାଜଧାନୀ କୁଆଲାଲାମପୁରକୁ ସିଧାସଳଖ ବିମାନ ଉଡ଼ିବ। ପୂର୍ବରୁ ଯାତ୍ରୀମାନେ ବିଦେଶ ଗମନ କରିବା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ଓ ପରେ ମାଲେସିଆକୁ ପରିବର୍ତ୍ତନ କରିବାକୁ ପଡୁଥିଲା କିନ୍ତୁ ଏମଓୟୁ ପରେ ଯାତ୍ରୀମାନେ ଅତିଶୀଘ୍ର ଭୁବନେଶ୍ୱରୁ ସିଧାସଳଖ ମାଲେସିଆ ଅଭିମୁଖେ ଯାତ୍ରା କରିପାରିବେ ବୋଲି ଏୟାର ଏସିଆ ପକ୍ଷରୁ କୁହାଯାଇଛି।

## ଚାଲିବ ଭଲ୍‌ଭୋ ବସ୍

ଭୁବନେଶ୍ୱର ଖୁବ୍‌ଶୀଘ୍ର ୫୦୦ ହାଇଫାଇ ସିଟିବସ୍ ଚାଲିବ। ଏଥିପାଇଁ ଚଳିତ ମାସ ସୁଦ୍ଧା ଏକ କନସଲଟାନ୍ସି ନିଯୁକ୍ତ କରାଯିବ। ଉକ୍ତ ସଂସ୍ଥା ବସ୍ ଚଳାଚଳ ପାଇଁ ଥିବା ପ୍ରକଳ୍ପର ସମ୍ପୂର୍ଣ୍ଣ ଡିଜାଇନ୍ ପ୍ରସ୍ତୁତ କରିବ। ଅକ୍ଟୋବର ମାସ ସୁଦ୍ଧା ଡିପିଆର୍ ଚୂଡ଼ାନ୍ତ ହେବ। ଦୁଇ ବର୍ଷ ଭିତରେ ଏହି ବସ୍ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। ଚାଲିବାକୁ ଥିବା ଏହି ବସ୍ ଭିତରେ ଅତ୍ୟାଧୁନିକ ଭଲ୍‌ଭୋ ବସ୍, ଇଲେକ୍ଟ୍ରିକ୍ ବସ୍, ଟ୍ରଲି ବସ୍ ଓ ଷ୍ଟାଣ୍ଡାର୍ଡ ବସ୍ ଚାଲିବ ବୋଲି ଜଣାପଡ଼ିଛି।


## ମେ ସୁଦ୍ଧା ସ୍ମାର୍ଟ ଜନପଥ କାମ ଆରମ୍ଭ

ଜନପଥ ବା ଶିଶୁଭବନରୁ ରୂପାଲି ଛକ ପର୍ଯ୍ୟନ୍ତ ଅଞ୍ଚଳକୁ ସ୍ମାର୍ଟ କରାଯିବ। ଏଥିପାଇଁ ସ୍ମାର୍ଟ ଜନପଥ ପ୍ରକଳ୍ପ ପାଇଁ ଯୋଜନା ଅଛି। ସ୍ମାର୍ଟ ଜନପଥ ପାଇଁ ଏଜେନ୍ସି ଚୟନ ପାଇଁ ଟେଣ୍ଡର ବାହାରିଛି। ଏପ୍ରିଲ୍ ଶେଷ ସୁଦ୍ଧା କାମ ଆରମ୍ଭ ପାଇଁ ଟେଣ୍ଡର ପାଇଥିବା ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ରାସ୍ତା କଡରେ ଫୁଟ୍‌ପାଥ୍ ଓ ସାଇକେଲ୍ ଟ୍ରାକ୍ ହେବ। ସମ୍ପୂର୍ଣ୍ଣ ଅଞ୍ଚଳରେ ଟିଓଟି ଯୋଜନା କାର୍ଯ୍ୟକାରୀ ହେବ।

## ମହିଳାଙ୍କ ପାଇଁ ନିରାପଦ 'ପଥ ଉତ୍ସବ'

ରାଜଧାନୀରେ ଯେତେ କାର୍ଯ୍ୟକ୍ରମ ହେଉଛି ତା ଭିତରୁ ସବୁଠୁ ବେଶି ନିରାପଦ କାର୍ଯ୍ୟକ୍ରମ ହେଉଛି ପଥ ଉତ୍ସବ। 'ଡବ୍ଲୁଆରଆଇ ଇଣ୍ଡିଆ' ପଥ ଉତ୍ସବରେ କରିଥିବା ଏକ ସର୍ଭେରେ ୮୩ ପ୍ରତିଶତ ମହିଳା ଏଭଳି ମତ ଦେଇଛନ୍ତି। ସେହିପରି ରାହାଗିରି ଓ ପଥ ଉତ୍ସବକୁ ଆଜି ପର୍ଯ୍ୟନ୍ତ ୬ ଲକ୍ଷ ଲୋକ ବୁଲିବାକୁ ଆସି ସାରିଲେଣି ବୋଲି ଉକ୍ତ ସର୍ଭେରେ କୁହାଯାଇଛି।

# ଚେତାବନୀ : ୨୦ରୁ ବଢ଼ିବ ଖରା



**ଭୁବନେଶ୍ୱର :** ବର୍ତ୍ତମାନ ଦିନର ତାତି ବଢ଼ିକି ସାମୁଦ୍ରିକ ପବନ ହେଉ ବା ରାତିର ତାପମାନ କମ୍ ରହୁଛି ତେଣୁ ତାତିର ବିଶେଷ ପ୍ରକୋପ ଅନୁଭୂତ ହେଉନାହିଁ। ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ୨୦ ତାରିଖରୁ ଦିନର ତାତି ଭୀଷଣ ବଢ଼ିବ। ଦିନରେ ତାତିର ପ୍ରକୋପରେ ଲୋକେ ସିଝିବେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ପର୍ଯ୍ୟାୟ ବେଳକୁ ଗରମ ଅସମ୍ଭାଳ ହେବାର ସମ୍ଭାବନା ରହିଛି। କେବଳ ଉପକୂଳ କି ପଶ୍ଚିମ, ଦକ୍ଷିଣ ନୁହେଁ, ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରାକ୍ ଗ୍ରୀଷ୍ମଋତୁ ଅନୁଭୂତ ହେବ ବୋଲି ସୂଚନା ମିଳୁଛି। ଆଂଚଳିକ ପାଣିପାଗ କେନ୍ଦ୍ର ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟରେ ଦିନର ତାପମାତ୍ରା ୨୮ରୁ ୩୪ଡ଼ିଗ୍ରୀ ମଧ୍ୟରେ ସୀମିତ। ରାତିରେ ଅର୍ଥାତ୍ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ଭିତରେ ରହୁଛି। କିନ୍ତୁ ୨୦ ତାରିଖରୁ ପାଗ ବଦଳିଯିବ। ସବୁଠି ଦିନର ତାପମାତ୍ରା ୩ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଯିବ। ଏପରି କି କିଛି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୮ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। କିନ୍ତୁ ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହେବ ନାହିଁ। ସର୍ବାଧିକ ୨ଡିଗ୍ରୀ ଯାଏ ବଢ଼ିବାର ସମ୍ଭାବନା ରହିଛି। ଏନେଇ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁଙ୍କ କହିବାନୁଯାୟୀ ଆଉ ୩/୪ ଦିନ ପରେ ପବନର ଦିଗ ବଦଳିଯିବ। ଦକ୍ଷିଣ ପଶ୍ଚିମ ବା ପଶ୍ଚିମ ଦିଗରୁ ବହିବ ତତଲା ପବନ। ତେଲେଙ୍ଗାନା, ନାଗପୁର, କର୍ଣ୍ଣାଟକ ଆଦି ଅଂଚଳରୁ ଏଭଳି ପବନ ବହିବା ଆରମ୍ଭ ହେଲେ ରାଜ୍ୟରେ ଦିନରେ ତାତି ଅନୁଭୂତ ହେବ। ଶୀତ ଋତୁର ପ୍ରଭାବ ସମ୍ପୂର୍ଣ୍ଣ ରୂପେ କଟି ନ ଥିବାରୁ ଏହା ଲୋକମାନଙ୍କ ପାଇଁ ଅସହ୍ୟ ହୋଇପାରେ। ଭୂପୃଷ୍ଠରେ ଗରମ ହାୱା ବହିବା ବେଳକୁ ଉପରିସ୍ଥ ବାୟୁମଣ୍ଡଳ ଅପେକ୍ଷାକୃତ ଥଣ୍ଡା ରହିବ। ଫଳରେ ସେତେବେଳକୁ କୁହୁଡ଼ି ସୃଷ୍ଟି ହେବାର ବି ସମ୍ଭାବନା ରହିଛି।ଏହା ତାତିକୁ ବହୁଗୁଣିତ କରିବାର ସମ୍ଭାବନା ଅଧିକ। ସାମୁଦ୍ରିକ ବାୟୁ ବହିଲେ ବି ଏହା ପାଗକୁ ସନ୍ତୁଳିତ କରି ରଖିବାରେ ସକ୍ଷମ ହୋଇପାରିବ ନାହିଁ। କିନ୍ତୁ ରାତିର ତାପମାତ୍ରାରେ ବିଶେଷ ବୃଦ୍ଧି ଘଟି ନ ପାରେ ବୋଲି ଡ. ସାହୁ କହିଛନ୍ତି।

ରାଜ୍ୟର ସବୁଠି ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଛି। ସୁନ୍ଦରଗଡ଼ରେ ସର୍ବନିମ୍ନ ୧୨ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୧୨.୪ ଡିଗ୍ରୀ , ଦାରିଙ୍ଗବାଡ଼ିରେ ୧୨.୫ଡିଗ୍ରୀ, ହୀରାକୁଦରେ ୧୪.୭ଡିଗ୍ରୀ, କୋରାପୁଟରେ ୧୪.୮ଡିଗ୍ରୀ, ସମ୍ବଲପୁରରେ ୧୫ଡିଗ୍ରୀ ରହିଛି। ଉପକୂଳର କଟକରେ ୧୭.୫ଡିଗ୍ରୀ , ବାଲେଶ୍ୱରରେ ୧୮.୧ଡିଗ୍ରୀ, ଭୁବନେଶ୍ୱରରେ ୧୮.୯ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ଓ ୨୦ରୁ ଦିନର ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।



# ମହିଳା ସଶକ୍ତୀକରଣ ଅଭିଯାନରେ ଫ୍ରିଡା



ମୁଖ୍ୟତଃ ବିଦେଶୀ ଫିଲ୍ମରେ ଅଭିନୟ କରୁଥିବା ଭାରତୀୟ ଅଭିନେତ୍ରୀ ଫ୍ରିଡା ପିଣ୍ଟୋ, ମହିଳା ସଶକ୍ତୀକରଣ ଅଭିଯାନକୁ ଆଗେଇନେବା ନିମନ୍ତେ ଫିଲ୍ମ ତିଆରି କରିବାକୁ ଘୋଷଣା କରିଛନ୍ତି। ଏଥି ପାଇଁ ଏକ ପ୍ରଯୋଜନା ସଂସ୍ଥା ଖୋଲି, ନାମ ରଖିଛନ୍ତି- 'ୱି ଡୁ ଇଟ୍ ଟୁଗେଦର୍'। ନିଜର ଫିଲ୍ମରେ ସେ ମହିଳା କଳାକାର, ଲେଖିକା, ନିର୍ଦ୍ଦେଶିକା ତଥା ଅନ୍ୟ ପେସାଦାରଙ୍କୁ ଅଧିକ ସୁଯୋଗ ସହ ପ୍ରାଧାନ୍ୟ ଦେବେ। ତାଙ୍କ ଦୃଷ୍ଟିରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ଭାବପ୍ରବଣ ଓ ଉଦାର। ତେଣୁ , ସିନେମା ଭଳି କଳାକୁ ଉଚ୍ଚମାନ ଦେଇପାରିବେ। ଅଧିକରୁ ଅଧିକ ଭାରତୀୟ ମହିଳା ସିନେମା ନିର୍ମାଣ ଓ ନିର୍ଦ୍ଦେଶନା କ୍ଷେତ୍ରକୁ ଆସିବା, ସେ ଚାହାଁନ୍ତି। ଏଥିପାଇଁ ସେ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରସ୍ତୁତ। 'କ୍ୱିନ୍', "ପୀକୁ,' 'ପିଙ୍କ୍' ଭଳି ମହିଳା-କୈନ୍ଦ୍ରିକ ବଲିଉଡ୍ ଫିଲ୍ମ ସେ ବାରମ୍ବାର ଦେଖିବା ପରେ, ଏ ଧରଣର ଅଧିକ ଫିଲ୍ମ ତିଆରି ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

# ଚର୍ଚ୍ଚାରେ ବିରାଟ-ଅନୁଷ୍କାଙ୍କ ଫଟୋ



**ମୁମ୍ବାଇ :** ପ୍ରେମ ଦିବସ ବା ଭାଲେଣ୍ଟାଇନ୍ ଡେ'ରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ତାଙ୍କ ଇନଷ୍ଟାଗ୍ରାମ୍ ପୃଷ୍ଠାରେ ପ୍ରକାଶ କରିଥିବା ଏକ ଫଟୋକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ପ୍ରେମିକା ତଥା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ ନିଜର ଫଟୋ ପକାଇ କୋହଲି ଏକ ଆବେଗପୂର୍ଣ୍ଣ ବାର୍ତ୍ତା ଲେଖିଥିଲେ। ପରେ ଅବଶ୍ୟ ଏହାକୁ ହଟାଇ ଦେଇଥିଲେ। ଏହା ପୂର୍ବରୁ କିନ୍ତୁ ସେହି ଫଟୋ ଏବଂ ବାର୍ତ୍ତା ବେଶ୍ ଲୋକପ୍ରିୟ ହୋଇ ସାରିଥିଲା। ବିରାଟ ପକାଇଥିବା ଫଟୋରେ ଲେଖିଥିଲେ ଯେ ଆପଣ ଯଦି ଚାହିଁବେ ସବୁ ଦିନ ଭାଲେଣ୍ଟାଇନ୍ ଡେ' ହୋଇ ପାରିବ। ଅନୁଷ୍କା ଶର୍ମା ତୁମେ ମୋ' ର ପ୍ରତିଟି ଦିନକୁ ଭାଲେଣ୍ଟାଇନ୍ ଡେ' କରିଛ। ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କ ଥିଲେ ମଧ୍ୟ କୋହଲି ଓ ଅନୁଷ୍କା ଏହାକୁ କେବେବି ସର୍ବସାଧାରଣରେ ସ୍ୱୀକାର କରିନାହାଁନ୍ତି। ଏଥର କୋହଲି ଅଚାନକ ସାମାଜିକ ଗଣମାଧ୍ୟମରେ ଅନୁଷ୍କାଙ୍କ ପ୍ରତି ନିଜ ଭଲ ପାଇବା ଖୋଲା ଖୋଲି ପ୍ରକାଶ କରିବା ତାଙ୍କ ପ୍ରଶଂସକଙ୍କୁ ବିସ୍ମିତ କରିଛି।

# ଯୁସୁଫ୍‌ଙ୍କ ଆଶା ମଉଳୁଛି



**ନୂଆଦିଲ୍ଲୀ :** ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ବିଦେଶୀ ଲିଗ୍‌ରେ ଖେଳିବାର ଆଶା ରଖିଥିବା ଧୂଆଁଧାର ବ୍ୟାଟ୍ସମ୍ୟାନ୍ ଯୁସୁଫ ପଠାନ୍‌ଙ୍କୁ ଝଟ୍‌କା ଲାଗିଛି। ଯୁସୁଫ୍ କିଛି ଦିନ ତଳେ ହଂକଂ ଟ୍ୱେଣ୍ଟି-୨୦ ଲିଗ୍‌ରେ ଖେଳିବା ଲାଗି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ) ଏବଂ ବରୋଦା କ୍ରିକେଟ୍ ସଂଘଠୁ ଆପତ୍ତି ବିହୀନ ପ୍ରମାଣପତ୍ର ପାଇଥିଲେ। ହେଲେ ବିସିସିଆଇ ଯୁସୁଫ୍‌ଙ୍କୁ ଦେଇଥିବା ଏହି ଅନୁମତି ଦେବା ପରେ ବିଦେଶୀ ଲିଗ୍‌ରେ ଖେଳିବା ନେଇ ବିସିସିଆଇ ନିକଟକୁ ବହୁତ ଆବେଦନ ଆସୁଛି। ଫଳରେ ଏହା ଉପରେ ପୁନର୍ବିଚାର କରିବାକୁ ବିସିସିଆଇ ଚିନ୍ତା କରିଥିଲା ଏବଂ ଅନୁମତି ପତ୍ରକୁ ରଦ୍ଦ କରିଥିଲା। ୩୪ ବର୍ଷୀୟ ପଠାନ୍ ଆଇପିଏଲ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଦଳରେ ରହିଛନ୍ତି। ୨୦୧୨ ପରଠୁ ସେ ଆଉ ଜାତୀୟ ଦଳକୁ ଫେରିନାହାନ୍ତି କି ବିସିସିଆଇ ସହ ଚୁକ୍ତି ମଧ୍ୟ କରିନାହାନ୍ତି। ସେ ମଧ୍ୟ ସଂପ୍ରତି ଚାଲିଥିବା ସୟଦ୍ ମୁସ୍ତାକ୍ ଅଲ୍ଲୀ ଟ୍ୱେଣ୍ଟି-୨୦ରେ ସ୍ଥାନ ପାଇନାହାନ୍ତି। ଆଇପିଏଲ୍ ପୂର୍ବରୁ ହଂକଂ ଟ୍ୱେଣ୍ଟି-୨୦ ଲିଗ୍‌ରେ ଖେଳି ନିଜକୁ ପ୍ରସ୍ତୁତ କରିବା ସୁଯୋଗ ରହିଥିଲା। ସାହିଦ ଆଫ୍ରିଦ୍, ଡାଇମଲ ମିଲ୍ସ, ଡାରେନ୍ ସାମି ପରି ତାରକା ଖେଳାଳିମାନେ ଏହି ଲିଗ୍‌ରେ ଖେଳୁଥିବାରୁ ଏଠାରେ ଆଇପିଏଲ୍ ପୂର୍ବରୁ ମୋର ଭଲ ଅଭ୍ୟାସ ହୋଇପାରିଥାନ୍ତା ବୋଲି ପଠାନ୍ କହିଥିଲେ। ବିସିସିଆଇର ଏହି ନିଷ୍ପତ୍ତି ଯୁସୁଫ୍‌ଙ୍କୁ ବଡ଼ ଝଟ୍‌କା ଦେଇଛି।



Rankanidhi Muduli
Mob. : 9238301513
R.R. ELECTRIC SOLUTION
Deals in :
All types of Electrical Solution, Telephone wire Wiring, Apartment, Duplex Electric Wiring



# ଜାତୀୟ ଅଶ୍ୱାରୋହୀ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଲେ ଓଡ଼ିଆ ପୁଅ ହିମାଂଶୁ







**ପୁନେ :** ମାତ୍ର ୧୩ ବର୍ଷ ବୟସରେ ଓଡ଼ିଶା ତଥା ନିଜ ପରିବାର ପାଇଁ ଗୌରବ ଆଣିଦେଇଛନ୍ତି ଓଡ଼ିଆ ପୁଅ ହିମାଂଶୁ ମହାନ୍ତି। ଜାତୀୟ ଅଶ୍ୱାରୋହୀ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ସେ ଏଭଳି କୃତିତ୍ୱ ଲାଭ କରିଛନ୍ତି। ଆର୍ମି ପୋଲୋ ରାଇଡିଂ କ୍ଲବ ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଜାତୀୟ ଅଶ୍ୱାରୋହୀ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଭାଗନେଇ ହିମାଂଶୁ ସ୍ୱର୍ଣ୍ଣପଦକ ପାଇଛନ୍ତି। ପିଲାଟି ଦିନରୁ ଅଶ୍ୱାରୋହଣର ସ୍ୱପ୍ନ ଦେଖିଥିବା ହିମାଂଶୁ ୯ ବର୍ଷ ବୟସରୁ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ବାଙ୍ଗାଲୋର ସ୍ଥିତ ଆଗ୍ରମ ରାଇଡିଂ ଓ ପୋଲୋ ଏକାଡେମୀରୁ ପ୍ରଶିକ୍ଷିତ ହିମାଂଶୁ ବିଦ୍ୟାଳୟ/ଅନୁଷ୍ଠାନ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଜାତୀୟ କୃତୀ ଭାବେ ବିବେଚିତ ହୋଇପାରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ପାଖାପାଖି ୧୦୦ ଜଣ କନିଷ୍ଠ ବର୍ଗର ଅଶ୍ୱାରୋହୀଙ୍କ ମଧ୍ୟରେ ସେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ।

ପୂର୍ବରୁ ଆର୍ମି ରାଇଡିଂ ଓ ପୋଲୋ ଏକାଡେମୀ, ବାଙ୍ଗାଲୋର ପକ୍ଷରୁ ପ୍ରତିନିଧିତ୍ୱ କରି ହିଂମାଶୁ ଦୁଇଟି ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରି ନିଜ ଦଳ ପାଇଁ ପ୍ରଶଂସା ଆଣି ଦେଇଥିଲେ। ନ୍ୟାସନାଲ ଡିଫେନ୍ସ ଅଶ୍ୱ ପ୍ରଦର୍ଶନୀରେ ଉଚ୍ଛ୍ୱସିତ ପ୍ରଶଂସା ପାଇବା ସହ ସମ୍ବର୍ଦ୍ଧିତ ମଧ୍ୟ ହୋଇପାରିଛନ୍ତି। ହିମାଂଶୁଙ୍କ ପରିବାର ସମ୍ପ୍ରତି ମହାରାଷ୍ଟ୍ରର ଅହମ୍ମଦନଗରରେ ରହୁଥିବା ବେଳେ ତାଙ୍କର ଜନ୍ମସ୍ଥାନ ଗଞ୍ଜାମ ଜିଲ୍ଲା ଚିକିଟି ଅଞ୍ଚଳରେ। ତାଙ୍କ ବାପା ଲେଫ୍ଟନାଣ୍ଟ କର୍ଣ୍ଣେଲ ଭୁଷଣ ମହାନ୍ତି ଭାରତୀୟ ସ୍ଥଳ ସେନାରେ ଅବସ୍ଥାପିତ। ଏହାସହ ତାଙ୍କ ମା' ରୀନା ମହାନ୍ତିଙ୍କ ପ୍ରଚ୍ଛନ୍ନ ପ୍ରେରଣା ରହିଛି ହିମାଂଶୁଙ୍କ ପଛରେ। ଭବିଷ୍ୟତରେ ଉଚ୍ଚଶିକ୍ଷା ସହ ଜଣେ ଶ୍ରେଷ୍ଠ ଅଶ୍ୱଧାବକର ମାନ୍ୟତା ପାଇଁ ହିମାଂଶୁ ନିଜର ନିଷ୍ଠାକୁ ବଳବତ୍ତର ରଖିବେ ବୋଲି କହିଛନ୍ତି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**